

Odia Daily

www.theutkalsamachar.com

ଉତ୍କଳ ସମାଗମ

ଓଡ଼ିଆ ଜାତିର ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+ Vol - 22 + Issue No:200 + 17 November 2026 (Tuesday) + Rourkela + Rs.2.00 + Page -1 + ୨୨ ବର୍ଷ + ସଂଖ୍ୟା:୨୦୦ + ୧୭ ନଭେମ୍ବର ୨୦୨୬ (ମଙ୍ଗଳବାର) + ରାଉରକେଲା + ମୂଲ୍ୟ:ଟ.୨.୦୦ + ପୃଷ୍ଠା-୬

ବିଧାୟକଙ୍କୁ ଉପରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର :

'କ୍ଷମତା ସହିତ ଦାୟିତ୍ୱ ମିଳିଥାଏ, ଏହାକୁ ନେଇ ଆଗକୁ ବଢିବା ଉଚିତ'

ଅଭିଭାଷଣରେ ବିଜୁ ପଟ୍ଟନାୟକଙ୍କୁ ପ୍ରଶଂସା ଜଲେ ଉପରାଷ୍ଟ୍ରପତି । ତାମିଲ ନେତା କେ. କାମରାଜଙ୍କ ସହ ବିଜୁ ପଟ୍ଟନାୟକଙ୍କ ତୁଳନା



ଭୁବନେଶ୍ୱର,୧୬/୧୧(ନି/ପ): ଶ୍ରୀ ଜଗନ୍ନାଥଙ୍କ ମାଟିରେ ଛିଡାହେବା ମୋ ପାଇଁ ଅତ୍ୟନ୍ତ ଗର୍ବ ବିଷୟ' । 'କ୍ଷମତା ସହିତ ଦାୟିତ୍ୱ ମିଳିଥାଏ, ଏହାକୁ ନେଇ ବିଧାୟକ ଆଗକୁ ବଢିବା ଉଚିତ' । ଭୁବନେଶ୍ୱରରେ ୧୭ ତମ ଓଡିଶା ବିଧାନସଭାର ସଦସ୍ୟମାନ ପାଇଁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ପରେ ନିଜ ଅଭିଭାଷଣରେ ଏପରି କହିଛନ୍ତି ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍ । ଓଡ଼ିଆରେ ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କରିଥିଲେ ଉପରାଷ୍ଟ୍ରପତି । ସମସ୍ତ ବିଧାୟକ ଓ ସାଂସଦଙ୍କୁ ଅଭିନନ୍ଦନ ଜଣାଇଲେ ଉପରାଷ୍ଟ୍ରପତି । ଓଡିଏଟେସନ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଆହୁରି କହିଛନ୍ତି, ଚଳିତ ଥର ବିଧାନସଭାକୁ ୮୨ ପ୍ରଥମ ଥର ନିର୍ବାଚିତ ବିଧାୟକ ଆସିଛନ୍ତି । ଏହା ଯୁବ ଓ ଅଭିଜ୍ଞତାର ଏକ ପ୍ରକୃଷ୍ଟ ମିଶ୍ରଣ । ନିଜ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ବିଶ୍ୱାସ ଭାଜନ ହେବାକୁ ପରାମର୍ଶ' ଦେଇଛନ୍ତି । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାତୃଭୂମି ଓଡିଶାରେ ଜନ୍ମ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରିଛନ୍ତି ଉପରାଷ୍ଟ୍ରପତି । ଉଭୟ ନେତା ନିଜ ନିଜ ରାଜ୍ୟରେ ବଳିଷ୍ଠ ନେତୃତ୍ୱର ଉଦାହରଣ । ଦେଶକୁ ପ୍ରଥମ ଆଦିବାସୀ ରାଷ୍ଟ୍ରପତି ଦେଇଥିବାରୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ' ଦେଇଛନ୍ତି ।ଜଣେ ମହିଳାଙ୍କୁ ବାଚସ୍ପତି ନିର୍ବାଚିତ କରିଥିବାରୁ ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଗୃହକାର୍ଯ୍ୟକୁ ହାଲୁକା ଭାବେ ନ ନେବାକୁ ସମସ୍ତ ବିଧାୟକଙ୍କୁ ମଧ୍ୟ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଷ୍ଟାଣ୍ଡିଂ କମିଟିରେ ଅଂଶଗ୍ରହଣ କରିବାକୁ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି।

୧୮ରୁ ବିଧାନସଭାର ଶୀତ ଅଧିବେଶନ

ବନ୍ୟା ରାଜନୀତିରେ ଉତ୍ତୁଳିବ ବିଧାନସଭା, ଆରୋପ-ପ୍ରତ୍ୟାରୋପରେ କମ୍ପିବ ଗୃହ



ଭୁବନେଶ୍ୱର,୧୬/୧୧(ନି/ପ): ବନ୍ୟା ରାଜନୀତି ନେଇ ଉତ୍ତୁଳିବ ଶୀତ ଅଧିବେଶନ । ଗଞ୍ଜାମର ପ୍ରଜୟଙ୍କାରୀ ବନ୍ୟାକୁ ନେଇ ସରକାରଙ୍କୁ ଘେରିବେ ବିରୋଧୀ ଦଳ । ଉଭୟ ବିଜେଡି ଓ କଂଗ୍ରେସ ଆଗାମୀ ଅଧିବେଶନ ଆରମ୍ଭରୁ ହିଁ ଏହାକୁ ବଡ଼ ପ୍ରସଙ୍ଗ କରିବାକୁ ପ୍ରସ୍ତୁତ ରହିଛନ୍ତି । ଏପରିକି ବିଧାନସଭା ବାହାରେ ବି ବଡ଼ ବିକ୍ଷୋଭ କରିବା ଯୋଜନାରେ ଅଛନ୍ତି ବିରୋଧୀ ଦଳ । ୧୮ରୁ ଆରମ୍ଭ ହେଉଛି ବିଧାନସଭାର ଶୀତ ଅଧିବେଶନ । ପ୍ରଥମ ଦିନରେ ଅତିରିକ୍ତ ବଜେଟ ଉପସ୍ଥାପନ ହେବ । ତେବେ ପ୍ରଥମ ଦିନରୁ ହିଁ ବିଧାନସଭା ଜମାଇବାକୁ ବିରୋଧୀ ଦଳ ଶକ୍ତ ପ୍ରସଙ୍ଗ ଧରି ଅପେକ୍ଷା କରି ରହିଛନ୍ତି । ଗତ ମୌସୁମୀ ଅଧିବେଶନ ଏମଏମଡିଆର ଆକ୍ଟ ସଂଶୋଧନ ଓ ପାଠ୍ୟପୁସ୍ତକ ତ୍ରୁଟି ଝଡ଼ରେ ଉଡ଼ିଯାଇଥିଲା । ଗୋଟିଏ ବି ଦିନ ପୂର୍ଣ୍ଣାଙ୍ଗ ଆଲୋଚନା ହୋଇପାରିନଥିଲା । ତେବେ ଶୀତ ଅଧିବେଶନରେ ବିରୋଧୀ ଦଳ ବନ୍ୟା ଓ ଜୋଟିଆ ଭଳି ତାଜା ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇବା ସମ୍ଭାବନା ରହିଛି । ଶାସକ ଦଳ ମଧ୍ୟ ଏସବୁ ପ୍ରସଙ୍ଗରେ ପୂର୍ବ ସରକାରଙ୍କ ଦୋଷ ତ୍ରୁଟିକୁ ନେଇ ପାଲଟା ଆକ୍ରମଣ କରିବା ମୁହୂର୍ତ୍ତରେ ଅଛନ୍ତି । ଅର୍ଥାତ୍ ଉଭୟ ପକ୍ଷ ଆରୋପ-ପ୍ରତ୍ୟାରୋପ ରାଜନୀତି ସରଗରମ ରହିପାରେ । ବିଧାନସଭା ପାଇଁ ଆସନ୍ତା ୧୭ରେ ହିଁ ସବୁ ଦଳ ନିଜର ରଣନୀତି ବିଧିବଦ୍ଧ ଭାବେ ପ୍ରସ୍ତୁତ କରିବେ । ୧୭ ତାରିଖରେ ବିଜେପି ବିଧାୟକ ଦଳ ବୈଠକ ବସିବ ବୋଲି ସୂଚନା ମିଳିଛି । ବିରୋଧୀ ଦଳଙ୍କୁ ଜେମିତି ମୁକାବିଲା କରାଯିବ, ସେ ନେଇ ମୁଖ୍ୟମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ବିଧାୟକମାନଙ୍କୁ ଗୁରୁ ମନ୍ତ୍ର ଦେବେ । ସେହିପରି ରାଜ୍ୟର ପ୍ରମୁଖ ପ୍ରସଙ୍ଗ ନେଇ ବୃତ୍ତ ସ୍ପଷ୍ଟ ଉଠାଇବା ପାଇଁ ବିଜେଡି ବିଧାୟକମାନଙ୍କୁ ପରାମର୍ଶ ଦେବେ ବଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସ୍ୱାର୍ଥ ସହ ଜଡ଼ିତ ସମସ୍ତ ପ୍ରମୁଖ ପ୍ରସଙ୍ଗକୁ ଗୃହରେ ବିରୋଧୀ ଦଳ ଉପସ୍ଥାପନ କରିବ । କଂଗ୍ରେସ ବିଧାୟକ ଦଳ ମଧ୍ୟ ୧୭ରେ ବସିବ ବୋଲି ବିଧାୟକ ଦଳ ନେତା ରାମଚନ୍ଦ୍ର ଜାଡାମ ସୂଚନା ଦେଇଛନ୍ତି । ଶ୍ରୀ ଜାଡାମ କହିଛନ୍ତି, ଗଞ୍ଜାମ ବନ୍ୟା, ଜୋଟିଆ, ଏମଏମଡିଆର ଜଳା ଆଇନ, ବଡବାମ, ଆଇନଶୃଙ୍ଖଳା ଭଳି ପ୍ରମୁଖ ପ୍ରସଙ୍ଗକୁ ଜୋରଦାର ଭାବେ ଗୃହରେ ଦଳ ଉଠାଇବ । ବିଜେପି ବିଧାୟକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ କହିଛନ୍ତି, ଆମ ସରକାର ଲୋକଙ୍କ ସରକାର । ସରକାର ସବୁବେଳେ ଆଲୋଚନା ପାଇଁ ପ୍ରସ୍ତୁତ । ବିଜେପି ବିଧାୟକ ଦଳ ବୈଠକରେ ଦଳ ପକ୍ଷରୁ ଏହି ଅଧିବେଶନ ନେଇ ବିସ୍ତୃତ ରଣନୀତି ପ୍ରସ୍ତୁତ ହେବ । ୧୮ରୁ ଆରମ୍ଭ ହେବାକୁ ଥିବା ଅଧିବେଶନର କାର୍ଯ୍ୟସୂଚୀ ଡିସେମ୍ବର ୩ୀ ପର୍ଯ୍ୟନ୍ତ ରହିଛି । ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି । ପ୍ରଥମ ଦିନରେ ଅତିରିକ୍ତ ବଜେଟ ଆସତ ହେବ । ୩୦ ନଭେମ୍ବରରେ ଅତିରିକ୍ତ ବଜେଟ ଉପରେ ବ୍ୟୟମଞ୍ଜୁରୀ ବିଲ୍ ଆସିବ ।

ବଙ୍ଗୋପସାଗରରେ ବଳ ଗୋଟାଉଛି ବାତ୍ୟା

୧୮ରୁ ରାଜ୍ୟରେ ପାଗରେ ପରିବର୍ତ୍ତନ

ଭୁବନେଶ୍ୱର,୧୬/୧୧(ନି/ପ): ବଙ୍ଗୋପସାଗରରେ ବଳ ଗୋଟାଉଛି ବାତ୍ୟା । ଆନ୍ଧ୍ର-ଓଡ଼ିଶା ଉପକୂଳକୁ ବିପଦ ଆଶଙ୍କା । ଦକ୍ଷିଣ-ପୂର୍ବ ଓ ଏହାର ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଏବେ ଧୀରେ ଧୀରେ ଶକ୍ତିଶାଳୀ ହେଉଛି । ଗତ ୬ ଘଣ୍ଟା ମଧ୍ୟରେ ଘଟୀପ୍ରତି ୧୫ କିଲୋମିଟର ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିଛି ଏହି ଅବପାତ । ଶ୍ରୀଲଙ୍କାର ତ୍ରିଙ୍କୋମାଲିଠାରୁ ପ୍ରାୟ ୬୦୦ କିଲୋମିଟର ଦୂରରେ ଥିବାବେଳେ ତାମିଲନାଡୁର ଚେନ୍ନାଇଠାରୁ ୭୮୦ କିଲୋମିଟର ଦୂରରେ ରହିଛି ଅବପାତ। ସେହିପରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରୁ ୯୪୦ କିଲୋମିଟର ଏବଂ ଓଡ଼ିଶାର ଗୋପାଳପୁରଠାରୁ ପ୍ରାୟ ୧୦୫୦ କିଲୋମିଟର ଦୂରରେ ରହିଛି ଏହି ଅବପାତ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଏହା ଆଗକୁ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ । ନଭେମ୍ବର ୧୬ରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସାମୁଦ୍ରିକ ଝଡ଼ର ରୂପ ନେଇପାରେ। ଏହାପରେ ୧୭ରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ରେ ଭୀଷଣ ସାମୁଦ୍ରିକ ଝଡ଼ରେ ପରିଣତ ହେବାର ଆଶଙ୍କା ରହିଛି । ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ଏହା ଆହୁରି ଶକ୍ତିଶାଳୀ ହୋଇ ଉତ୍ତର-ପଶ୍ଚିମ ଦିଗରେ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ବାତ୍ୟା ପ୍ରଭାବରେ ଆସନ୍ତାମୀ ୧୮ରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। ଆରମ୍ଭ ହୋଇପାରେ ବର୍ଷା । ଗଞ୍ଜାମ, ଗଜପତି ଓ ପୁରୀରେ ପ୍ରବଳ ବର୍ଷା ହେବ। ଏହି ତିନି ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ଆଲର୍ଟ। ୨୦ ନଭେମ୍ବରରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାସହ ଜାରି ହୋଇଛି ।

ସୁରକ୍ଷାବାହିନୀର ଏନକାଉଣ୍ଟରରେ ଟଳିଲେ ୨ ଆତଙ୍କୀ

କୁଲଗାମ ଆଟାକ୍‌ର ମାଷ୍ଟରମାଇଣ୍ଡ ନିହତ



ନୂଆଦିଲ୍ଲୀ, ୧୬/୧୧: କୁଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ସୁରକ୍ଷାବାହିନୀକୁ ବଡ଼ ସଫଳତା । ଏନକାଉଣ୍ଟରରେ କୁଲଗାମ ଆଟାକ୍‌ର ମାଷ୍ଟରମାଇଣ୍ଡ ଜଇଦ ଭଟ ନିହତ । ଏହା ସହ ଆଉ ଜଣେ ଆତଙ୍କୀ ନିହତ ହୋଇଛି । ନଭେମ୍ବର ୧୧ରେ ଜାମ୍ମୁ କାଶ୍ମୀର କୁଲଗାମରେ ଜଇଚର ପୋଷ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣ ପଛରେ ମହଜ୍ଜଦ ଜଇଦ ଭଟର ହାତ ଥିଲା । ସୁରକ୍ଷା ଏଜେନ୍ସି ମୁତାବକ, ଜଇଦ ଭଟ କୁଲଗାମ ଜିଲ୍ଲାର ଖ୍ୱେଖ୍ୱାନ ଚାଡରରେ ରହୁଥିଲା । ୨୦୨୫ ନଭେମ୍ବରରେ ସେ ଅତାନକ ଗାଏବ ହୋଇଯାଇଥିଲା । ୧୯ ତାରିଖରେ ତାର ପରିବାର ପକ୍ଷରୁ ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା । ଏହାପରେ ସେ ଆତଙ୍କୀ ସଙ୍ଗଠନ ଲଶ୍କର-ଏ-ତୋୟବାରେ ସାମିଲ ହୋଇଥିଲା । ଦକ୍ଷିଣ କାଶ୍ମୀରର ବିଭିନ୍ନ ସ୍ଥାନରେ ଆତଙ୍କୀ ଗତିବିଧି ଚଳାଉଥିଲା । ୨୦୨୬ରେ ସୋପିଆନରେ ଏକ ସୁରକ୍ଷା ଅଭିଯାନ ସମୟରେ ସେ ଖସିପଯାଇଥିଲା । ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସୁରକ୍ଷା ବାହିନୀ ଛଅ ଦିନ ଧରି ସର୍ଚ୍ଚ ଅପରେସନ୍ ଚଳାଇଥିଲା । ସର୍ଚ୍ଚ ଅପରେସନ ସମୟରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି, ସେମାନଙ୍କ ଆଡ୍ଡା ଏବଂ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ସ୍ଥାନ ଠାବ ହୋଇଥିଲା । ଏହି ଅପରେସନରେ ଡ୍ରୋନ୍, ସ୍ନିଫର କୁକୁର ଏବଂ ମେଟାଲ ଡିଟେକ୍ଟର ବ୍ୟବହାର କରାଯାଇଥିଲା । ଏହି ଅପରେସନ ବେଳେ ୬୦୦ରୁ ଅଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯାଇଥିଲା । ସୂଚନା ଥାଉକି, ନଭେମ୍ବର ୧୧ ତାରିଖରେ ଜମ୍ମୁ ଓ କାଶ୍ମୀରର କୁଲଗାମ ଜିଲ୍ଲାରେ ଆତଙ୍କବାଦୀମାନେ ଜଇଚର ଟିମ୍ ଉପରେ ଆକ୍ରମଣ କରିଥିଲେ । ମିଳ ଚଇାରର ଆଖାନ ଅଂଚଳରେ ଅପରାହ୍ନ ୨ଟା ୩ଣ୍ଡ ୨ଟା ୧୫ ମଧ୍ୟରେ ଏହି ଆକ୍ରମଣ ଘଟିଥିଲା । ଉଭୟଠୁ ଫୁଟେଜ୍ ଅନୁଯାୟୀ, ଆକ୍ରମଣକାରୀ ପାଚରେ ଚାଲିଚାଲି ଆସି ବନ୍ଦ ଦୋକାନ ପଛରେ ଲୁଚି ରହିଥିଲା । ପ୍ରାୟ ୫୦ରୁ ୬୦ ମିଟର ଦୂରରୁ ଟ୍ରେଚ୍ ପଏଣ୍ଟରେ ନିୟୋଜିତ ସୈନିକଙ୍କ ଉପରେ ଅତାନକ ଗୁଳି ଚଳାଇଥିଲା । ଏଥିରେ ତିନି ଜଣ ସୈନିକ ଆହତ ହୋଇଥିଲେ ଏବଂ ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ପଟୁକ ପାଇଁ ଶ୍ରୀମନ୍ଦିରରେ ବ୍ୟାପକ ପ୍ରସ୍ତୁତି

କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଶ୍ରଦ୍ଧାଳୁ, ଭିଡ଼ ନିୟନ୍ତ୍ରଣରେ ରହିବେ କ୍ଲିୟରାନ୍ସ ଟିମ୍



ପୁରୀ,୧୬/୧୧(ନି/ପ): ଶ୍ରୀମନ୍ଦିରରେ ଆସନ୍ତା ୨୧ରୁ ଆରମ୍ଭ ହେବ ପଟୁକ ଉତ୍ସ । ଚଳିତ ବର୍ଷ ୪ ଦିନ ଧରି ମହାପ୍ରଭୁ ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଶ୍ରୀଜିଉଙ୍କ ଏହି ଦୁର୍ଲଭବେଶ ଦେଖିବା ଲାଗି ଶ୍ରୀମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁରକ୍ଷିତ ଦର୍ଶନ ଲାଗି ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜରାଯାଇଥିବା ରବିବାର କେନ୍ଦ୍ରାଚଂକ ଆଇଜି ଡା. ସତ୍ୟଜିତ୍ ନାୟକ ଗଣନାଧମକୁ ସୂଚନା ଦେଇଛନ୍ତି । ଶ୍ରୀ ନାୟକ କହିଛନ୍ତି, ଶ୍ରଦ୍ଧାଳୁ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପୁଲିସର ପ୍ରାଥମିକତା । ସେଥିଲାଗି ବଡ଼ଦାଣ୍ଡ, ସିଂହଦ୍ୱାର, ଶ୍ରୀମନ୍ଦିର ଓ ବାହାରର ପ୍ରିତି ଅନୁଧ୍ୟାନ କରାଯାଇଛି । ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ନିର୍ମିତ ବ୍ୟାରିକେଡ୍‌ରେ ସିଂହଦ୍ୱାରରେ ପହଚିଂବେ। ସିଂହଦ୍ୱାର, ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବେ। ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଉତର, ପଶ୍ଚିମ ଓ ଦକ୍ଷିଣ ଦ୍ୱାର ଦେଇ ବାହାରକୁ ବାହାରିବେ । ପଟୁକ ୪ ଦିନ ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବାର ବ୍ୟବସ୍ଥା ରହିଛି । ମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ଲାଗି କ୍ଲିୟରାନ୍ସ ଟିମ୍ ମୁତୟନ କରାଯିବ । ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ଲାଗି ପାଖାପାଖି ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ଆଇଜି । ଏହି ସମୟରେ ପଶ୍ଚି ପ୍ରତାକ ସିଂହ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଆମେରିକାରେ ବିମାନ ଉଡ଼ାଣ ସଙ୍କଟ ତୃତୀୟ ଦିନ ପାଇଁ ଘନୀଭୂତ



ୱାଶିଂଟନ,୧୬/୧୧: ଆମେରିକାର ବିମାନ ଟ୍ରାଫିକ୍ ବ୍ୟବସ୍ଥାରେ ଯାନ୍ତ୍ରିକ ତ୍ରୁଟିର ପ୍ରଭାବ ଆହୁରି ଖରାପ ହୋଇଛି । ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍, ମୁଖ୍ୟ ଡ୍ରାଏଭ୍ ବେଡୟୁର୍ଡ କହିଛନ୍ତି ଯେ ସୋମବାର ସୁଦ୍ଧା ଉଡ଼ାଣ ପରିବାଚନା ପୁନଃସ୍ଥାପିତ ହୋଇପାରିବ । ଶନିବାର ବିମାନ ଟ୍ରାଫିକ୍ ନିୟନ୍ତ୍ରଣରେ ଯୋଗାଯୋଗ ତ୍ରୁଟି ଯୋଗୁଁ ଦେଶବ୍ୟାପୀ ଉଡ଼ାଣ ବନ୍ଦ କରିବାକୁ ବାଧ ହୋଇଥିଲା । ସେବେଠାରୁ ବିମାନ ଜଜ୍ଞାନିଘୁଡ଼ିକ କାର୍ଯ୍ୟ ପୁନଃସ୍ଥାପିତ କରିବା ପାଇଁ ଜାମ କରୁଛନ୍ତି। ବିମାନ ଚଳାଚଳ ଟ୍ରେକସାଇଟ୍ ଫ୍ଲାଇଟ୍‌ଆୱେର୍ ରିପୋର୍ଟ କରିଛି ଯେ ଶନିବାର ରାତି ସୁଦ୍ଧା ଆମେରିକାରେ ୯,୦୦୦ ଉଡ଼ାଣ ବାତିଲ କରାଯାଇଛି, ୮,୦୦୦ରୁ ଅଧିକ ଉଡ଼ାଣ ବିଳମ୍ବ ହୋଇଛି। ରବିବାର ପ୍ରାୟ ୯,୨୦୦ ଉଡ଼ାଣ ବାତିଲ ହୋଇଛି ଏବଂ ୭,୫୦୦ ପ୍ରଭାବିତ ହୋଇଛି । ଗତ ଶନିବାର ବିନ ପ୍ରାୟ ପାଞ୍ଚ ଘଣ୍ଟା ପାଇଁ ଦେଶବ୍ୟାପୀ ଉଡ଼ାଣ ସ୍ଥଗିତ ରଖିଛି । ୧୧ ସେପ୍ଟେମ୍ବର ୨୦୦୧ ଆତଙ୍କବାଦୀ ଆକ୍ରମଣ ପରେ ଏହା ସବୁଠାରୁ ବାର୍ତ୍ତ ଦେଶବ୍ୟାପୀ ବିମାନ ପରିବହନ ବାଧା ମଧ୍ୟରୁ ଗୋଟିଏ ଥିଲା । ଏହା ୧୫ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ଫସି ରହିଥିଲା । ଦେଶର ବିଭିନ୍ନ ବିମାନବନ୍ଦରରେ ଏକଜାଳିନ ଅଣଷଠି ରାଉଟର ସେବା ବନ୍ଦ କରିଦେଇଥିଲେ, ଯାହା ଫଳରେ ୩,୫୦୦ ବିମାନ ବାଧାପ୍ରାପ୍ତ ହୋଇଥିଲା । ଆମେରିକୀୟ ବିମାନ ଟ୍ରାଫିକ୍ ସିଷ୍ଟମ ଦ୍ୱିଗୁଣିତ କ୍ଷତିର ସମ୍ମୁଖୀନ ହେଇଛି। ପୂର୍ବରୁ ବିମାନ ଟ୍ରାଫିକ୍ ନିୟନ୍ତ୍ରକମାନଙ୍କର ଘୋର ଅଭାବ ଦେଖାଯାଇଛି । ପୁରୁଣା ପ୍ରଯୁକ୍ତିବିଦ୍ୟା ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି । ରାଉଟର ତ୍ରୁଟି ଯୋଗାଯୋଗକୁ ବାଧାପ୍ରାପ୍ତ କରୁଛି। ପରିବହନ ସଚିବ ସିଆନ୍ ଡଫି ବ୍ୟାଖ୍ୟା କରିଛନ୍ତି ଯେ ଗଲଫ ଠିକାଦାର ଖମ୍ପୀଜିକ୍ସକୁ ସମ୍ପତ୍ତି ଦ୍ୱାରା ଏକ ଦୂରବର୍ତ୍ତୀ ଯୋଗାଯୋଗ କେନ୍ଦ୍ରରେ ଏକ ନୂତନ ରାଉଟର ସ୍ଥାପନ ସମୟରେ ସମସ୍ୟା ଦେଖାଦେଇଥିଲା । ଏହା ବିମାନ ଟ୍ରାଫିକ୍ ନିୟନ୍ତ୍ରଣ କେନ୍ଦ୍ରର ରାଡାର ଏବଂ ଯୋଗାଯୋଗ ବ୍ୟବସ୍ଥାରେ ଅସ୍ଥିରତା ସୃଷ୍ଟି କରିଥିଲା । ଏହି ଘଟଣା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଚାଙ୍କର ନାଗରଦା ଭାଙ୍ଗି କଂଗ୍ରେସଠାରୁ ବିମାନ ଟ୍ରାଫିକ୍ ବ୍ୟବସ୍ଥାର ପୁନଃସଂରଚଣା ପାଇଁ ୫୦ ବିଲିୟନ ଡଲାର ଦାବି କରିଥିଲେ । ସେ ଦୁଇ ସୋସିଆଲରେ ଲେଖିଛନ୍ତି ଯେ ସେ ବିଶ୍ୱର ସର୍ବୋତ୍ତମ ବ୍ୟବସ୍ଥା ନିର୍ମାଣ କରିବେ। ୫୦ ବର୍ଷ ପୁରୁଣା ବ୍ୟବସ୍ଥାକୁ ଶୀଘ୍ର ଏବଂ ପ୍ରଭାବଶାଳୀ ଭାବରେ ବଦଳାଇ ପାରିବେ। ସେ ଅବନତି ପାଇଁ ପୂର୍ବ ଡେମୋକ୍ରାଟିକ୍ ପାର୍ଟି ଶାସିତ ସରକାରକୁ ଦାୟୀ କରିଛନ୍ତି।

ଏଆଇ-ଚାଳିତ ଅସ୍ତ୍ରଶସ୍ତ୍ର ଉପରେ ଅନ୍ତର୍ଜାତୀୟ ନିୟମ ଆଣିବା ପ୍ରୟାସକୁ ଆମେରିକା ଏବଂ ରୁଷ ପକ୍ଷରୁ ବିରୋଧ



ୱାଶିଂଟନ/ମସ୍କୋ,୧୬/୧୧: ବିଶ୍ୱ ସ୍ତରରେ ଅସ୍ତ୍ରଶସ୍ତ୍ରରେ କୃତ୍ରିମ ବୁଦ୍ଧିମତା(ଏଆଇ)ର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି । ଏପରି ଅସ୍ତ୍ରଶସ୍ତ୍ର ମାନବଙ୍କ ନିର୍ଦ୍ଦେଶ ବିନା ଶତ୍ରୁକୁ ଚିହ୍ନଟ କରି ଆକ୍ରମଣ କରିପାରିବ । ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଜାତିସଂଘ ଅନ୍ତର୍ଜାତୀୟ ନିୟମାବଳୀ ବିଚାରଣ କରିବାକୁ ପ୍ରସ୍ତୁତ ହେଉଛି । ମାତ୍ର ଆମେରିକା ଏବଂ ରୁଷ ଏହାକୁ ବିରୋଧ କରୁଛନ୍ତି । ଜେନ୍ତ୍ରାଏଜ ମଧ୍ୟ ଏପରି ନିୟମାବଳୀର ବିରୋଧ କରୁଛି । ଜାତିସଂଘ ଆଣିବାକୁ ଯାଉଥିବା ନିୟମକୁ ସଦସ୍ୟ ଦେଶଗୁଡ଼ିକ ପାଳନ କରିବାକୁ ବାଧ ହେବେ । ସୋମବାର ସ୍ପିଜରଭାଷ୍ଟର ଜେନେଭାରେ ଏହି ପ୍ରସଙ୍ଗରେ ମିଳିତ ଜାତିସଂଘର ଏକ ବୈଠକ ଆରମ୍ଭ ହେବାକୁ ଯାଉଛି । ୧୨୮ ଦେଶ



କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବିଶ୍ୱ ମଧୁମେହ ଦିବସ ଅବସରରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୧୬/୧୧(ନି/ପ୍ର): ବିଶ୍ୱ ମଧୁମେହ ଦିବସ ଅବସରରେ ରୋଟାରୀ କ୍ଲବ ଅଫ୍ କେନ୍ଦୁଝରଗଡ଼ ପକ୍ଷରୁ ନଭେମ୍ବର ୧୪ ତାରିଖ ଶନିବାର ଦିନ ରୋଟାରୀ ଭବନ, କେନ୍ଦୁଝରଠାରେ ଏକ ସ୍ୱତନ୍ତ୍ର 'ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ' ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗର୍ଭବତୀ ମହିଳା ଓ ସେମାନଙ୍କ ପରିବାରକୁ ଗର୍ଭାବସ୍ଥାରେ ମଧୁମେହ ସମ୍ପର୍କରେ ସଚେତନ କରିବା ସହିତ ମା' ଓ ଶିଶୁଙ୍କ ସୁସ୍ଥତା ପାଇଁ ଉପଯୁକ୍ତ ଖାଦ୍ୟପେୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଶାରୀରିକ ସୁସ୍ଥତା ଓ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଉଚ୍ଚତର ଡାକ୍ତର ଧନେଶ୍ୱର ସେଠୀ ଯୋଗଦେଇ ଗର୍ଭକାଳୀନ ମଧୁମେହର କାରଣ, ଲକ୍ଷଣ ଓ ନିୟନ୍ତ୍ରଣ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ବିଶେଷକରି ଗର୍ଭାବସ୍ଥାରେ ମଧୁମେହର ଶୀଘ୍ର ଚିହ୍ନଟ ଓ ନିୟନ୍ତ୍ରଣ ମା' ଓ ଶିଶୁ ଉଭୟଙ୍କ ସୁସ୍ଥତା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ମା' ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ମମତା ରାଣୀ ଜେନା ଗର୍ଭାବସ୍ଥାରେ ଏକସ୍ୱଳ୍ପତ୍ୱ-ଶ୍ୱସକଦ୍ଭବସ୍ୱଳ୍ପତ୍ୱ ର ପ୍ରଭାବ, ଏହାର ଚିହ୍ନଟ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଗର୍ଭାବସ୍ଥା କେବଳ ଏକ ଶାରୀରିକ ପ୍ରକ୍ରିୟା ନୁହେଁ, ଏହା ମା' ଓ ଶିଶୁ ଉଭୟଙ୍କ ଶାରୀରିକ, ମାନସିକ ଓ ଭାବନାତ୍ମକ ସୁସ୍ଥତାର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରା । ଏଥିରେ ସମୟାନୁସାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରିବାରର ସହଯୋଗ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ନିବୁପମା ସ୍ୱାଇଁ , ସମ୍ପାଦିକା ଡାକ୍ତର ମମତା ରାଣୀ ଜେନା, ଅନ୍ୟ ରୋଟାରିଆନ୍‌ମାନଙ୍କ ମଧ୍ୟରେ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ, ଙ୍କ ଦେବବ୍ରତ ସ୍ୱାଇଁ, ଶ୍ରୀ ପ୍ରଶାନ୍ତ ସ୍ୱାଇଁ, ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ଶ୍ରୀ ବିଜୟ ନାଥ କପୁର, ଡା. ମନସ ରଞ୍ଜନ ପଣ୍ଡା, ଶ୍ରୀ ମହେଶ ଚାଣ୍ଡୁଡ଼ା, ଶ୍ରୀ ହରିହର ସାହୁ, ଶ୍ରୀ ପ୍ରଭାତ ଭୂୟାଁ ଏବଂ ଶ୍ରୀ ଏସ୍. ସି. ଖଟୋର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ । ଏହି ଅବସରରେ ଉପସ୍ଥିତ ଗର୍ଭବତୀ ମହିଳାମାନଙ୍କ ପାଇଁ ମାପଣାରେ ମଧୁମେହ ଓ ହିମାଗ୍ଲୋବିନ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା । ରୋଟାରୀ କ୍ଲବ ଅଫ୍ କେନ୍ଦୁଝରଗଡ଼ର ଏହି ପରଖେଷା ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ସହିତ ଏକ ସୁସ୍ଥ ସମାଜ ଗଠନ ଦିଗରେ ଏକ ପ୍ରଶଂସନୀୟ ପ୍ରୟାସ।



ଏବଂ ଡାକ୍ତର ନାରାୟଣ ସବୁଦ୍ଧା, ଶିଶୁ ରୋଗ ବିଶେଷଜ୍ଞ ଉପସ୍ଥିତ ରହି ଗର୍ଭବତୀ ମହିଳାମାନଙ୍କୁ ଗର୍ଭକାଳୀନ ମଧୁମେହର ପ୍ରଭାବ, ଏହାର ନିରାକରଣ ଓ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରିଥିଲେ । ସେମାନେ କହିଥିଲେ ଯେ ଗର୍ଭାବସ୍ଥା କେବଳ ଏକ ଶାରୀରିକ ପ୍ରକ୍ରିୟା ନୁହେଁ, ଏହା ମା' ଓ ଶିଶୁ ଉଭୟଙ୍କ ଶାରୀରିକ, ମାନସିକ ଓ ଭାବନାତ୍ମକ ସୁସ୍ଥତାର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରା । ଏଥିରେ ସମୟାନୁସାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରିବାରର ସହଯୋଗ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ନିବୁପମା ସ୍ୱାଇଁ , ସମ୍ପାଦିକା ଡାକ୍ତର ମମତା ରାଣୀ ଜେନା, ଅନ୍ୟ ରୋଟାରିଆନ୍‌ମାନଙ୍କ ମଧ୍ୟରେ ଶ୍ରୀମତୀ ରାଜଲକ୍ଷ୍ମୀ ସ୍ୱାଇଁ, ଙ୍କ ଦେବବ୍ରତ ସ୍ୱାଇଁ, ଶ୍ରୀ ପ୍ରଶାନ୍ତ ସ୍ୱାଇଁ, ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ଶ୍ରୀ ବିଜୟ ନାଥ କପୁର, ଡା. ମନସ ରଞ୍ଜନ ପଣ୍ଡା, ଶ୍ରୀ ମହେଶ ଚାଣ୍ଡୁଡ଼ା, ଶ୍ରୀ ହରିହର ସାହୁ, ଶ୍ରୀ ପ୍ରଭାତ ଭୂୟାଁ ଏବଂ ଶ୍ରୀ ଏସ୍. ସି. ଖଟୋର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ । ଏହି ଅବସରରେ ଉପସ୍ଥିତ ଗର୍ଭବତୀ ମହିଳାମାନଙ୍କ ପାଇଁ ମାପଣାରେ ମଧୁମେହ ଓ ହିମାଗ୍ଲୋବିନ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା । ରୋଟାରୀ କ୍ଲବ ଅଫ୍ କେନ୍ଦୁଝରଗଡ଼ର ଏହି ପରଖେଷା ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ସହିତ ଏକ ସୁସ୍ଥ ସମାଜ ଗଠନ ଦିଗରେ ଏକ ପ୍ରଶଂସନୀୟ ପ୍ରୟାସ।

ତାମିଲନାଡୁରେ ଗଣଦୁଷ୍କର୍ମର ଶିକାର ନାବାଳକ ଶ୍ରମିକ ଗୁରୁତର
କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ

ହାତଡିହି,୧୬/୧୧(ନି/ପ୍ର): ବାହାର ରାଜ୍ୟକୁ କାମକୁ ଯାଇଥିବା ଓଡ଼ିଆ ଶ୍ରମିକଙ୍କ ସୁରକ୍ଷାକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି । କେନ୍ଦୁଝର ଜିଲା ହାତଡ଼ିହି ବ୍ଲକ୍ ଅଟଳବୁ ତାମିଲନାଡୁ ଯାଇଥିବା ଜଣେ ୧୫ ବର୍ଷୀୟ ନାବାଳକଙ୍କ ସହ ଏକାଧିକ ଯୁବକ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଦ୍ୱାରା ନାବାଳକ ଗୁରୁତର ଅସୁସ୍ଥ ହୋଇଛନ୍ତି ଓ ପାଚିତତ୍ତ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇ ପଡ଼ିଥିବା ବେଳେ ସେ ଏବେ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜୀବନ ସହ ସଂଘର୍ଷ କରୁଛନ୍ତି । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି । ସୂଚନା ଅନୁସାରେ, ନାବାଳକ ଜଣକ ତାମିଲନାଡୁର ଏକ ଲୁଗା କମ୍ପାନିରେ କାମ କରୁଥିଲେ । ନଭେମ୍ବର ୪ରେ ନିଜ ରୁମ୍‌ରେ ଥିବା ବେଳେ ୪ ଜଣ ଯୁବକ ତାଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ ରଖିଥିଲେ । ନାବାଳକ ଜଣକ ମୁମୂର୍ଷ ଅବସ୍ଥାରେ ନିଜ



ରୁମ୍‌ରେ ପଡ଼ିଥିବା ବେଳେ ତାଙ୍କର ଜଣେ ସମ୍ପର୍କୀୟ ଦେଖିବା ପରେ ସେହି ସମ୍ପର୍କୀୟଙ୍କ ସହଯୋଗରେ ଓଡ଼ିଶା ଆସି ନଭେମ୍ବର ୮ରେ ଘରେ ପହଞ୍ଚିଥିଲେ । ପରବିନ ୯ ତାରିଖ ତାଙ୍କୁ କଟକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ନାବାଳକଙ୍କ ପରିବାର ଲୋକ ଶୁଣିବାର ନନ୍ଦିପଦା ଥାନାରେ ଏନେଇ ଅଭିଯୋଗ କରିଛନ୍ତି । ଆନନ୍ଦପୁର ଏସ୍‌ଡିପିଓ ଜମଳ କୁମାର ପଣ୍ଡା କହିଛନ୍ତି, ଉକ୍ତ ଘଟଣା ତାମିଲନାଡୁରେ ଘଟିଛି । ଅଭିଯୋଗ ଅନୁସାରେ ଜିରୋ ଏଫ୍‌ଆଇଆର କରାଯାଇ ଅଭିଯୋଗକୁ ତାମିଲନାଡୁର ସମ୍ପୃକ୍ତ ଥାନାକୁ ପଠାଇ ଦିଆଯାଇଛି । ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାଣ୍ଡି ରହିଛନ୍ତି, ପାଚିତ ନାବାଳକ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପରିବାର ତରଫରୁ ଅଭିଯୋଗ ହେବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଯୋଗକୁ ତାମିଲନାଡୁ ସ୍ଥାନାନ୍ତର କରାଯାଇଛି । ଅଭିଯୁକ୍ତଙ୍କୁ ଚୁରେଲ ଗିରଫ କରିବାରେ ବଡ଼ ବିଘାଯାଉ ବୋଲି ପରିବାର ଲୋକ ଦାବି କରିଛନ୍ତି ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁଙ୍କ ୧୩୭ତମ ଜୟନ୍ତୀ ପାଳିତ

ଅନୁଗୋଳ,୧୬/୧୧(ନି/ପ୍ର): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁଙ୍କ ୧୩୭ତମ ଜୟନ୍ତୀ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳେ ପ୍ରଥମେ ଉପସ୍ଥିତ ସମସ୍ତ କଂଗ୍ରେସ ନେତା ସ୍ୱର୍ଗତ ନେହେରୁଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ତାପରେ ଜିଲ୍ଲା ସଭାପତି ଶ୍ରୀ ପ୍ରଧାନଙ୍କ ଅଧକ୍ଷତାରେ ଏକ ସ୍ମୃତି ଚାରଣା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱର୍ଗତ ନେହେରୁଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗ ଓ ତ୍ୟାଗକୁ କିଛି ବେଳ ବିଭିନ୍ନ ସମୟରେ ଭାରତବର୍ଷ ଜାତୀୟ ସ୍ୱାର୍ଥଲିପ୍ସୁ ବଦନାମ କରିବା ପାଇଁ ବିଭିନ୍ନ ମନଗଢା କାହାଣୀ ଲୋକମାନଙ୍କ ଆଗରେ ଉପସ୍ଥାପିତ



କରି ମଧ୍ୟ ଦେଶ ପାଇଁ ଅନେକ ଭଲ କରଣ କରିଥିଲେ । ତାଙ୍କର ସ୍ୱାଧୀନ ଭିରତବର୍ଷକୁ ଯେଉଁ ନେତୃତ୍ୱ ଦେଇ ନବ ନିର୍ମାଣ ଭାରତବର୍ଷ ଗଠନର ରୂପରେଖ ପକାଇଥିଲେ, ତାହା ଆଜିର ଆଧୁନିକ ଭାରତ ବର୍ଷର ଥିଲା ଏକ୍ଟୁଡ଼ିଶୀଳ ଶାଳ । ଆଜି ତାଙ୍କର ଅବଦାନ ଓ ତ୍ୟାଗକୁ କିଛି ସ୍ୱାର୍ଥଲିପ୍ସୁ ବଦନାମ କରିବା ପାଇଁ ବିଭିନ୍ନ ମନଗଢା କାହାଣୀ ଲୋକମାନଙ୍କ ଆଗରେ ଉପସ୍ଥାପିତ କରି ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି । ହେଲେ ଭାରତର ଜନସାଧାରଣ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ତାଙ୍କର ଅବଦାନ ଓ ତ୍ୟାଗକୁ ମନେନଖିବେ ବୋଲି ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଜିର ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ଜିଲ୍ଲା ସଂଖ୍ୟାଲଘୁ ବିଭାଗର ଅଧ୍ୟକ୍ଷ ଜାବେଦ ଇକବାଲ ଖାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିନୋଦ ମାଝୀ, ଅନୁଗୋଳ ବ୍ଲକ ସଭାପତି ରାଜେଶ ମିଶ୍ର, ଜିଲ୍ଲା ଛଂଗ୍ରେସ ସାଧାରଣ ସମ୍ପାଦକ ସୁବାସ ସାହୁ, ଅନୁପ ସାମଲ, ଅଳକା ରାଣୀ ମହାପାତ୍ର, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା, ମାନିନୀ ପ୍ରଧାନ, ଜିଲ୍ଲି ବେହେରା, ମିନାକ୍ଷୀ ଗଡନାୟକ, ମନୋଜ ସାହୁ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ଓ ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ
ଯୋଜନାରେ ସାମିଲ ହେବେ ନୂତନ ଯୋଗ୍ୟ ହିତାଧିକାରୀ

ସୁବର୍ଣପୁର,୧୬/୧୧(ନି/ପ୍ର): ଗ୍ରାମାଂଚଳର ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇବେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚିନାଟି କିସ୍ତିରେ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କାର ଘର ନିର୍ମାଣ ସହାୟତା ପ୍ରଦାନ କରାଯାଉଛି । ଆଜି ବଲାଙ୍ଗୀର ଜିଲ୍ଲାର ପଥରବେପା ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଲକ୍ଷ୍ୟ ବଟ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଯୋଗଦେଇଥିଲେ । ଏହାର ସିଧାପ୍ରସାରଣ ମାଧ୍ୟମରେ ସୁବର୍ଣପୁର ଜିଲ୍ଲାର ନୂତନ ଟାଉନ ହଲ୍‌ରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବୀରମହାରାଜପୁର ବିଧାୟକ ଙ୍କ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସୁପାର ଠେଲା ଓ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାପାଳ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅନିରୁଦ୍ଧ ପଧାନ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମେତ ନଳିନୀ ପଣ୍ଡା ଏବଂ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଗରିବ ଓ ଅବହେଳିତ ପରିବାରକୁ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇବେବା ଉପରେ ଗୁରୁତ୍ୱାରୋପ କରିଥିଲେ । କୌଣସି ଯୋଗ୍ୟ ପରିବାର ଯେପରି ଯୋଜନାରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ । ସିଡିଓ ଅଶ୍ୱିନୀ ମେହେର ଜିଲ୍ଲାରେ ଯୋଜନାର ଅଗ୍ରଗତି ସମୀକ୍ଷା ସହ ପୂର୍ବତ୍ୱ ନିର୍ମିତ ଗୃହଗୁଡ଼ିକର ସ୍ଥିତି ଏବଂ ନୂତନ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ଉପରେ ଆଲୋକପାତ କରିଥିଲେ । ସଠିକ୍ ସର୍ବେକ୍ଷଣ ଓ ପ୍ରଶାସନିକ ସମନ୍ୱୟ ମାଧ୍ୟମରେ ଯୋଗ୍ୟ ପରିବାରଙ୍କୁ ଯୋଜନାରେ ସାମିଲ କରିବା ସହ ଏହାର ସ୍ୱଚ୍ଛ ଓ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମ ପରେ ଜିଲ୍ଲାର ପ୍ରାୟ ୩୦୦ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କା ଏବଂ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା ।

ଶିଶୁ ଦିବସ ଓ ସହଭୋଜ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୧୬/୧୧(ନି/ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଓ ଅରବିନ୍ଦ ନଗର ସ୍ଥିତ ସରସ୍ୱତୀ ମନ୍ଦିର ପରିସରରେ ଶିଶୁ ଦିବସ ଓ ସହଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ଯଃ ସାରଦା ବିହାର ପରିସରରେ ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟ ନାରାୟଣ ସେଠୀଙ୍କ ଅଧକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ଶ୍ରୀଯୁକ୍ତ ଶ୍ରୀନାଥ ମିଶ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବିଶିଷ୍ଟ ସାହିତ୍ୟ ପ୍ରେମୀ ତଥା ସମାଜସେବୀ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସୁଯୁକ୍ତ ସଂପାଦକ ତପନ କିଶନ ତ୍ରିପାଠୀ, ସୁଜୁମା ଶ୍ରୀମାନ ନନ୍ଦିନୀ ବେହେରା ଏବଂ ଶ୍ରୀମତୀ ଗାୟାଞ୍ଜଳି ସାହୁ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶିଶୁ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶିଶୁ ଭଉଣୀ ସମୀକ୍ଷା ତ୍ରିପାଠୀ, ମିନାକ୍ଷୀ ସ୍ୱାଇଁ ଏବଂ ଅର୍ପିତା ଜଇଙ୍କ ବୌଦ୍ଧିକ ଏବଂ ସାଇପ୍ରଜ୍ଞା ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଙ୍ଗୀତ ଗାନ ପରେ ପରେ ଗୁରୁମାମାନଙ୍କ ଦ୍ୱାରା ଶିଶୁ ଦିବସର ମହତ୍ୱ ବିଷୟରେ ବୌଦ୍ଧିକ ପ୍ରଦାନ କରାଯାଇଥିଲା ।

କେନ୍ଦ୍ରାପଡ଼ା ବ୍ଲକ ସାମାଜିକ ସୁରକ୍ଷା ବିଭିନ୍ନକ୍ଷମ ବିଭାଗ ପକ୍ଷରୁ ନୂତନ ଭତା ବଟ୍ଟନ

କେନ୍ଦ୍ରାପଡ଼ା,୧୬/୧୧(ନି/ପ୍ର): କେନ୍ଦ୍ରାପଡ଼ା ବ୍ଲକ ସାମାଜିକ ସୁରକ୍ଷା ବିଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜି ବ୍ଲକ ସଭା ଗୃହରେ ବିଡ଼ିଓ ଅଭିଷେକ ସ୍ୱାଇଁଙ୍କ ଅଧକ୍ଷତାରେ ଭତା ବଟ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥିଭାବେ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ରାଜ୍ୟର ବିଜେପି ସରକାର ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ସଙ୍କଳ୍ପବଦ୍ଧ ଜଣାଯକ ଲୋକ ଭତା ପାଇବା ଦ୍ୱାରା ସେମାନେ ଅନେକାଂଶରେ ଉପକୃତ ହେଉଛନ୍ତି ବୋଲି ଶ୍ରୀମତୀ ଗୀତା ସେଠି କହିଛନ୍ତି ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଉଶ୍ରିତା ସେଠି, ଜଗାବଣ୍ଡ ପ୍ରଗତି ନାଗାୟନ ମହାପାତ୍ର ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତା ବଟ୍ଟନ କରିଥିଲେ ଜ୍ଜୁକ୍ଷ ସାମାଜିକ ସୁରକ୍ଷା ଅଧିକାରୀ ସୁଧୀପ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୨୭ଗୋଟି ପଂଚାୟତକୁ ୨୬୦ଜଣ ନୂତନ ହିତାଧିକାରୀଙ୍କୁ ଭତା ବଟ୍ଟନ କରାଯାଇଥିଲା ।

ଅନୁଗୋଳ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଲକ୍ଷ୍ୟ ଆବଟ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ



ଅନୁଗୋଳ,୧୬/୧୧(ନି/ପ୍ର): ସ୍ଥାନୀୟ ସଭାଘରଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଗୃହ ଆବଟ୍ଟନ ଲକ୍ଷ୍ୟଧାର୍ଯ୍ୟ ଘୋଷଣା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାସ୍ଥୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଥିବା ବେଳେ ଅନୁଗୋଳଠାରେ ଏହାର ଆଭାସୀ (ଭର୍ଚୁଆଲ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜ

ବିବିଧା

ରାଶି ଫଳ

ମେଷ: କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିକାଶ ବ୍ୟସନରେ ଦିନଟି କଟିବ। ଆୟରୁ ବ୍ୟୟନାରେ ବ୍ୟୟଅଧିକ ରହିବ।

ବୃଷ: କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିଦେଶ ଜରି ଦ୍ୱନ୍ଦ୍ୱରେ ପଡ଼ିବେ। ପ୍ରଭୁଜନଙ୍କ ସ୍ୱାସ୍ଥ୍ୟସ୍ୱାଳୁ ନେଇ ଚିନ୍ତାରେ ରହିବେ। ଅତିଥି ସତ୍କାର କରିବେ।

ମିଥୁନ: ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଖରା ହୋଇପାରେ।

କର୍କଟ: ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନ ସମ୍ମାନ ବଢ଼ିବ। ଅଯଥା ଯୁକ୍ତି କରନ୍ତୁନି।

ସିଂହ: ବ୍ୟବସାୟରେ ଷ୍ଟତି ସମ୍ଭାବନ୍ତି। ପୂର୍ବ କଥାକୁ ନେଇ ମନସ୍ତାପରେ ରହିବେ। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଧାର୍ମିକ କାର୍ଯ୍ୟରେ ସମୟ କଟିବ। ବହୁସମସ୍ୟା ରୋଗି ପାରନ୍ତି। ମହିଳାଙ୍କୁ ମୁଖ୍ୟ ବାୟିତ୍ୱ ମିଳିବ।

କନ୍ୟା : ପାରିବାରିକ ସମସ୍ୟା ଲାଗିରହିବ। ଆଶା ଜରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସିତି ସ୍ୱଚ୍ଛଳ ରହିବ। ମଜୋଶାଙ୍କ ସଙ୍ଗ ମନୋମାଳିନ୍ୟ ହେବ।

ତୁଳା: ନିଜର ଜ୍ୟୋୟିଷକୁ ନେଇ ଚିନ୍ତିତ ରହିବେ। ପ୍ରୋମୋସନ୍ରଙ୍କ ପାଇଁ ବିନଟି ଉତ୍ତମ ରହିବ । ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

ବିଛା: ଦୀର୍ଘ ଦିନର ଜମା ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ସହକର୍ମୀଙ୍କଠାରୁ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ। ଆୟ ଅପୂରାଣର ବ୍ୟୟ ଅଧିକ ହେବ।

ଧନୁ: ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମଜାରନ୍ତ ମୋଇପାରେ । ଆଳସ୍ୟ ବଦ୍ଧୁ ବହୁବାର ଜାନ ବଢ଼ାଇବ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

ମକର: ବିତ୍ତିୟ କ୍ଷେତ୍ରରେ ସଫଳତା ପାଇବେ। କଳା ଓ ସଂସ୍କୃତିରେ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

କୁମ୍ଭ: ଗର୍ଭ ଜନିତ ନିୟନ୍ତ୍ରଣ ରଖିବାକୁ ନେଚ୍ଛା ଜରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ପଡ଼ୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

ମୀନ: ଆର୍ଥିକ ଲାଭ ମିଳିପାରେ। ସ୍ୱପ୍ନ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। ସମାଜରେ ପ୍ରତିଷ୍ଠି ବଢ଼ିବ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ।

ଆଜିର ଇତିହାସ

- ୧୮୬୨- ମାଲ୍ତାସ୍ୱ ଭାଇ ନ୍ୟାୟାଳୟର ସ୍ଥାପନା।
- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା ଜଲା।
- ୧୯୬୬- ଜାମାଇକା ସ୍ୱାଧୀନ ହେଲା।
- ୧୯୮୬- ଭାରତର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ମୁମ୍ବାଇରେ ଜନ୍ମ ନେଲା।
- ୨୦୧୦- ଜମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା।

ଯୁବତୀ ୧୦ ଦିନରେ ଥରେ ଗାଧାନ୍ତି



ଦୈନନ୍ଦିନ ଜିବନଚର୍ଯ୍ୟାର ଏକ ପ୍ରଧାନ ଜାମ ହେଉଛି ସ୍ନାନ। ତେଣୁ ନିତିଦିନ ସମସ୍ତେ ଗାଧାନ୍ତି। ସେହିପରି ପିଲାଜନ୍ମରୁ ହିଁ ପ୍ରତିଦିନ ଗାଧୋଇବାର ପାଇଁ କୁହାଯାଏ। ଏହି କ୍ରମରେ ଜଣେ ଯୁବତୀ ୧୦ ଦିନରେ ଥରୁଟିଏ ଗାଧାନ୍ତି। ଏହିପରି ଭାବେ ମାସକୁ ତିନି ଦିନ ସେ ଗାଧୋଉ ଥିବା କଥା କହିଛନ୍ତି। ତାଙ୍କର ଏହି କଥା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୩ ବର୍ଷୀୟା ସୋସିଆଲ ମିଡିଆ ଇନଫ୍ଲୁଏନସର ହେଉଛନ୍ତି ଆୟଡେନ ଜେନ। ନିୟମିତ ଗାଧୋଇବାକୁ ପସନ୍ଦ କରୁ ନ ଥିବା ଯୁବତୀଙ୍କ ଉଦ୍ଦେଶ୍ୟରେ ସେ ଏକଥା ପୋୟାର୍ କରିଥିବା କହିଛନ୍ତି। ସେ କହିଛନ୍ତି, ସେ ୧୦ ଦିନରେ ଥରେ ଗାଧାନ୍ତି। ଏହି ଦିନଚର୍ଯ୍ୟା ଜେବେ ବି ବଦଳୁ ନ ଥିବା ସେ କହିଛନ୍ତି। ସେହିପରି ପାଦଦିନ ନ ଗାଧୋଇଲାବା ଦ୍ୱାରା ସେ ପୁରୁ ଓ ପରିବେଶ ଅନୁଭବ କରୁଥିବା କୁହନ୍ତି। ଅବଶ୍ୟ ସେ ପିଲାଦିନେ ପ୍ରତିଦିନ ଗାଧୋଉ ଥିଲେ। ଏବେ ଗାଧୋଇବା ଅଭ୍ୟାସ ଛାଡ଼ିଦା ପରେ ବି ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସି ନ ଥିବା କହନ୍ତି। ଏହାଦ୍ୱାରା ତାଙ୍କ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ କିମ୍ବା ଜେଶ ମଧ୍ୟ ପ୍ରଭାବିତ ହେଉ ନ ଥିବା ସ୍ପଷ୍ଟ କରିଛନ୍ତି। ପରିବେଶ ସୁରକ୍ଷା ଓ ଜଳ ସଞ୍ଚୟ ପାଇଁ ଜେନ୍ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେହିପରି ସେ କୌଣସି ପରଂପ୍ରା ଜରୁ ନ ଥିବାରୁ ତାଙ୍କ ଶରୀରରୁ ଝାଳ ବୋହୁ ନାହିଁ। ମଳରେ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ। ତେଣୁ ଗାଧୋଇବାର ଆବଶ୍ୟକତା ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଲୋକେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିଜ ପାଇଁ ନରେଲେ ଅନ୍ତତଃ ଅନ୍ୟମାନଙ୍କ ପାଇଁ ସେ ନିୟମିତ ଗାଧାନ୍ତୁ ବୋଲି ଲୋକେ କହିଛନ୍ତି।

ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସାମା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ୧୯୪୫ ମସିହାର ଜାପାନର ହିରୋସାମା ସହର ଉପରେ ପରମାଣୁ ବୋମାର ଭୟାବହ ରୂପକୁ ମନେ ପକାଇଦିଏ। ଶାନ୍ତିର ଗାଳକୀତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ବିଶ୍ୱ ଆଜିର ଦିନରେ ହିରୋସାମା ଦିବସ ପାଳନ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା। ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା। ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା। ଏଥିପାଇଁ ୧୯୪୫ ଅଗଷ୍ଟ ୬ ତାରିଖରେ ଜାପାନର ହିରୋସାମା ଉପରେ ଆମେରିକା ତାହାର ପ୍ରଥମ ପରମାଣୁ ବୋମା 'ଲିଟିଲ୍ ବୟ' ପକାଇଥିଲା। ଏହାଫଳସ୍ୱରୂପ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ କରିବାରୁ ଏହା ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା 'ଫ୍ୟାଟ୍ ମ୍ୟାନ୍' ପକାଇଥିଲା । ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା। ଲକ୍ଷ ଲକ୍ଷ ଲୋକ ବିଦ୍ୟାଙ୍ଗ ହୋଇଯାଇଥିଲେ। ମୃତ୍ୟୁର ଉପଚ୍ୟାକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର। ମୃତକଙ୍କ ମଧ୍ୟରେ ଥିଲେ ଅଧିକାଂଶ ସାଧାରଣ ନାଗରିକ। ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ୍ୟ ହୋଇଛି। ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ଯୁଦ୍ଧର ସମାପ୍ତି ଘୋଷଣା କରାଯାଇଥିଲା। ଜାମାନ୍ ଏସନା



ପଛଗୁଞ୍ଚା ଦେଇଥିଲେ। ୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଇଥିଲେ। କୁନି କୁନି ପିଲାମାନେ ସ୍କୁଲ ଯାଇଥିଲେ । ଏକ ରିପୋର୍ଟ ଅନୁସାରେ, ଏହି ପରମାଣୁବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା । ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଇଥିଲେ। ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା। ଏହା ତ ଜେବଳ ଜୀବନ କଥା, ଜେତେ ଯେ ସମ୍ପତ୍ତି ନଷ୍ଟ ହୋଇଛି, ତା'ର ଜହନା କରାଯାଇ ନ ପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ୍ୟ ନ ଥିଲେ । କାରଣ ପରମାଣୁ ଆକ୍ରମଣରେ ବେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ । ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ଓ ମୋତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢ଼ାଇଥିଲେ । 'ହିରୋସୀମା ଦିବସ' ପରମାଣୁ ଯୁଦ୍ଧର ଦିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସମସ୍ତ ରାଷ୍ଟ୍ରକୁ ତେତାବନୀ ଦିଏ।

କିଶୋର କୁମାରଙ୍କ ବାୟୋପିକ୍ ଛାଡ଼ିଲେ ରଣବୀର



ବଲିଉଡ୍‌ର ଚକଲେଟ୍ ବୟ ରଣବୀର କପୁର ଏବେ ନାଚେଇ ତିଖାଗାଙ୍କ 'ରାମାୟଣ' ପାଇଁ ଚର୍ଚ୍ଚାରେ । ୪୦୦୦ କୋଟି ବଜେଟ୍‌ର ଏହି ପିକ୍ଚରରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ । ଏହି ପିକ୍ଚର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ । 'ରାମାୟଣ' ପୂର୍ବରୁ ଗଣବାର, ଅନୁରାଗ କଶ୍ୟପ ନିର୍ଦ୍ଦେଶିତ କିଶୋର କୁମାରଙ୍କ ବାୟୋପିକ୍‌ରେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ରଣବୀର ଏଥିରେ ଏବେ ଜାମ କରିବେ ନାହିଁ ବୋଲି ଜଣାପଡ଼ିଛି । ଏନେ ଅମିତ ଖାନଙ୍କୁ ଏହି ଭୂମିକା ଅପର୍ ହୋଇଥିବା କୁହାଯାଉଛି । ଏନେକ ଅନୁରାଗ କହିଛନ୍ତି, 'ରଣବୀରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ଥିଲା। କାରଣ ତାଙ୍କୁ 'ରାମାୟଣ' ଓ କିଶୋର କୁମାରଙ୍କ ବାୟୋପିକ୍ ମଧ୍ୟରୁ ଗୋଟିଏ ବାଛିବାର ଥିଲା । ରଣବୀର 'ରାମାୟଣ'କୁ ବାଛିଥିଲେ। ମୁଁ ବୁଝୁଛି ସେ ଠିକ୍ ନିଷ୍ପତ୍ତି ନେଇଛନ୍ତି । ଆମେ ଦୁଇ ଜଣ ଏଭାଟି ଜାମ କରିବାକୁ ଚାହୁଁଛୁ, କିନ୍ତୁ ନାଡା ସମୟ ହେଲ ନାହିଁ। ସେ ଏକାସାଙ୍ଗକେ ବହୁନଗୁଡ଼ିଏ ପିକ୍ଚର କରୁଛନ୍ତି ।' ଏବେ ଅନୁରାଗ କିଶୋର କୁମାରଙ୍କ ବାୟୋପିକ୍ ପାଇଁ ଅମିତ ଖାନଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି । ଅମିତ୍‌ଙ୍କୁ ଏହାର କାହାଣୀ ବେଶ୍ ପସନ୍ଦ ଆସିଛି । କିନ୍ତୁ ଏନେଇ ଅନୁରାଗ କହିଛନ୍ତି, "ସେପର୍ଯ୍ୟନ୍ତ କିଛି ଫାଇନାଲ ହୋଇ ନାହିଁ ମୁଁ କିଛି କହିପାରିବି ନାହିଁ।"

ସମ୍ଭାବନା





ହଷ୍ଟେଲରେ ନ ଥାଏ ଏକାକୀତ୍ୱ

ଅନେକ ବିଦ୍ୟାର୍ଥୀ ଘରଠୁ ଦୂର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ସେହିପରି ହଷ୍ଟେଲରେ ସାଙ୍ଗସାଥୀଙ୍କ ସହିତ ମିଶିକି ରହିବାକୁ ପଡ଼ିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ହଷ୍ଟେଲ ରହଣି କଷ୍ଟକର ଲାଗିଲେ ବି ଏଥିରୁ ଜୀବନ ଜିଇଁବା ଲାଗି ଅନେକ କିଛି ଶିଖିବାକୁ ମିଳିଥାଏ।

ହଷ୍ଟେଲରେ ଅନେକ ନୂଆ ସାଙ୍ଗ ମିଳିଥାନ୍ତି। ଏହା ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଏ। ଘରଠୁ ଦୂରରେ ରହିବାକୁ ପଡ଼ିଥାଏ। ତେଣୁ ହଷ୍ଟେଲରେ ରହିବା ଦ୍ୱାରା ନିଶ୍ଚିନ୍ତ ହେବା, ନିଜ ରୁମକୁ ନିଜକି ସଫା ରଖିବା, ଖାଦ୍ୟ ମ୍ୟାନେଜ କରିବା, ଅର୍ଥ ସଞ୍ଚୟ କରିବା ଜଳି ଜୋଶାଳ ଶିଖି ହୁଏ । ହଷ୍ଟେଲରେ ରହିବା ଦ୍ୱାରା ଜଣେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ, ବରଂ ଆତ୍ମନିର୍ଭର ହୋଇଥାଏ। ସେହିପରି ହଷ୍ଟେଲରେ ପାଠପଢ଼ା ଲାଗି ଏକ ଉତ୍ତମ ପରିବେଶ ମିଳିଥାଏ। ସାଙ୍ଗସାଥୀଙ୍କ ସହିତ ମିଶିକି ପଢ଼ିବାର ସୁଯୋଗ ତୁଟେ। ବିଭିନ୍ନ ସୁବିଧା, ଅସୁବିଧାରେ ସାଙ୍ଗସାଥୀ ପାଖରେ ଛିଡ଼ା ହୁଅନ୍ତି। ସାହାଯ୍ୟର ହାତ ବଢ଼ାନ୍ତି। ଅନ୍ୟପଟେ ଅନେକ ସମୟରେ ଜଲେଜ କ୍ୟାମ୍ପସରୁ ହଷ୍ଟେଲ ପାଖ ହୋଇଥାଏ । ଏହା ଦ୍ୱାରା ଯିବା ଆସିବାର ସମୟ ଓ ଅର୍ଥ ସଞ୍ଚୟ ହୁଏ। ଗୋଟିଏ ସ୍ଥାନରୁ ମିଳିମିଶି ସାଙ୍ଗମାନଙ୍କ ସହ ନଡିବାରୁ ଏକଟେ ବି ହଷ୍ଟେଲରେ ଏକାଜୀବନ ନ ଥାଏ।

ବାରମ୍ବାର ଚାକିରି ବଦଳାଉଥିଲେ

କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଗୋଟିଏ ସ୍ଥାନରେ ବେଶୀ ଦିନ ପର୍ଯ୍ୟନ୍ତ କାମ କରି ନ ଥାନ୍ତି। ସେମାନଙ୍କର ଏହି ବାରମ୍ବାର ଚାକିରି ବଦଳାଇବା ଅଭ୍ୟାସକୁ 'ଜବ୍ ହପିଂ' କୁହାଯାଏ। ତେବେ ଏହାର କିଛି ଖରାପ ଦିଗ ବି ଅଛି।

- ବାରମ୍ବାର ଚାକିରି ବଦଳାଇବା ଦ୍ୱାରା ଅନ୍ୟ ନୂଆ କମ୍ପାନି ବି ସେଠାରେ ବେଶୀ ଦିନ ରହିବା କଥା ଭାବି ନ ଥାନ୍ତି।
- କୌଣସି କମ୍ପାନିରେ ପଦୋନ୍ନତି ଓ ଗୁରୁ ଦାୟିତ୍ୱ ମିଳିବାରେ ସମୟ ଲାଗେ।
- ବାରମ୍ବାର ଚାକିରି ବଦଳାଇଲେ ପର୍ଯ୍ୟାପ୍ତ ଅଭିଜ୍ଞତା ଓ ସୁଯୋଗ ମିଳେ ନାହିଁ।
- ମାସକ ମଧ୍ୟରେ ଚାକିରି ବଦଳାଇବା ଅଭ୍ୟାସ ଦ୍ୱାରା ନୂଆ ଜ୍ଞାନ ଜୌଶଳ ଅଧାରେ ରହେ।
- ନେଟୱର୍କ ଗଠନରେ ସମସ୍ୟା ଲାଗେ।
- ଦୀର୍ଘ ଦିନ ଗୋଟିଏ ସ୍ଥାନରେ କାମ କରିବା ଦ୍ୱାରା ସହକର୍ମୀ, ବରିଷ୍ଠ କର୍ମଚାରୀ ଓ କମ୍ପାନି ମୁଖିଆଙ୍କ ସହିତ ଉତ୍ତମ ସମ୍ପର୍କ ସୃଷ୍ଟି ହୁଏ। ଯାହାକି ଭଲାଚାର ଚାକିରି ପରିବର୍ତ୍ତନରେ ହୋଇ ନ ଥାଏ।



ଜେନ୍ ଜେଡ୍‌ଙ୍କ ନୂଆ ଟ୍ରେଣ୍ଡ ରିଭର୍ସ କ୍ୟାଟ୍‌ଫିସିଂ

ସୋସିଆଲ ମିଡିଆରେ ଜେନ୍ ଜେଡ୍ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି । ଏହାକୁ ରିଭର୍ସ କ୍ୟାଟ୍‌ଫିସିଂ କୁହାଯାଉଛି । କ୍ୟାଟ୍‌ଫିସିଂର ଅର୍ଥ ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ନିଜର ପରିଚୟକୁ ମିଛ ଏବଂ ଆକର୍ଷଣୀୟ ଚରିକାରେ ଲୋକଙ୍କୁ ଦେଖାଇବା । ହେଲେ ରିଭର୍ସ କ୍ୟାଟ୍‌ଫିସିଂ ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ । ଏଥିରେ ଜାଣିଶୁଣି ଲୋକେ ଅନଲାଇନ୍‌ରେ ନିଜକୁ କମ୍ ଆକର୍ଷଣୀୟ ଦେଖାଉଛନ୍ତି । ଏନେଇ କୌଣସି ଫିଲଟର ଆଦି ବ୍ୟବହାର ନ କରି ନିଜେ ସେମିତି, ସେମିତି ନିଜର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛନ୍ତି । କାରଣ ଆଜିର ଜେନ୍ ଜେଡ୍ ଯୁବପିଢ଼ି ଚାହାକୁ ଆକର୍ଷିତ କରିବାକୁ ଚାହୁଁ ନାହାନ୍ତି ।

ରିଭର୍ସ କ୍ୟାଟ୍‌ଫିସିଂ ଜେବେକ ଏକ ମଜାଦାର ଟ୍ରେଣ୍ଡ ମନେହୁଏ । ଏହା ମାଧ୍ୟମରେ ଜେନ୍ ଜେଡ୍ ଏକଥା ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ, ସମ୍ପର୍କ ତିଆରି କରିବା ପାଇଁ ପରଫେକ୍ସନ ନୁହେଁ, ବରଂ ମାନବିକତା ଏବଂ ସତ୍ୟତାର ଜରୁରି । ରିଭର୍ସ କ୍ୟାଟ୍‌ଫିସିଂ ଦେଖେଇ ହେବା ଦୁନିଆରେ ବାସ୍ତବତାକୁ ଆପଣାଇବାର ଏକ ରାହା ସାଜିଛି । ଜେନ୍ ଜେଡ୍-ଏବେ ଫିଲଟର ଏବଂ ଓଭର ପ୍ରୋଜେନଟେସନ୍‌ରୁ ବାହାରି ସତ୍ୟତା ପ୍ରତି ଅଗ୍ରସର ହେଉଛନ୍ତି । ସେଥିପାଇଁ ସେମାନେ ନିଜର ଦୋଷ, ଦୁର୍ବଳତା, ପ୍ରକୃତ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣୁଛନ୍ତି ।

ଅନ୍ୟପଟେ ଏହି ଟ୍ରେଣ୍ଡ ଜେବେକ ଏକ ଖାଲ୍ଲା ନୁହେଁ, ବରଂ ଭରସା, ସରଳତା ଏବଂ ଭାବାବେଗ ସମୃଦ୍ଧର ଏକ ନୂଆ ପରିଭାଷା । ଆଜିର ସମୟରେ ଲୋକ ସବୁଠୁ ସୁନ୍ଦର ଦିଶିବା ଉପରେ ଗୁରୁତ୍ୱ ଦେଉଛନ୍ତି । ହେଲେ ଜେନ୍ ଜେଡ୍ ରିଭର୍ସ କ୍ୟାଟ୍‌ଫିସିଂ ସୂତ୍ରକୁ ଗ୍ରହଣ କରି ସମ୍ପର୍କକୁ ଅଧିକ ମଜବୁତ କରିବାରେ ଲାଗିଛନ୍ତି । ତେବେ ଜେନ୍ ଜେଡ୍‌ଙ୍କ ଏ ପ୍ରକାର ସମ୍ପର୍କରେ କୌଣସି ମିଛ କିମ୍ବା ଫିଲଟର ନ ଥାଏ, ବରଂ ଥାଏ ଭାବପ୍ରବଣତା ।



ଇନଷ୍ଟାଗ୍ରାମ୍‌ର 'ଅଟୋ ସ୍କ୍ରଲ୍' ଫିଚର୍

ଆଜିକାଲି ଏମିତି କେଟି ନାହାନ୍ତି, ଯେଉଁମାନେ ରିଲ୍ସକୁ ସ୍କ୍ରଲ୍ କରି ବେଖୁ ନାହାନ୍ତି । ତେବେ ଇନଷ୍ଟାଗ୍ରାମ୍ ରିଲ୍ସର ମାଧ୍ୟମାଲି ସ୍କ୍ରଲ ଫିଚରକୁ ଅଟୋ ସ୍କ୍ରଲ ଫିଚରରେ ପରିବର୍ତ୍ତନ କରିଛି । ଏବେ ଏହି ପ୍ଲାଟ୍‌ଫର୍ମ ଏହି ଫିଚରକୁ ପରୀକ୍ଷା କରୁଛି । ଏହି ଫିଚର ଦ୍ୱାରା ବ୍ୟବହାରକାରୀଙ୍କୁ ରିଲ୍ସ ସ୍କ୍ରଲ କରି ଦେଖିବା ଲାଗି ଅଙ୍ଗୁଳିର ଉପଯୋଗ କରିବାକୁ ପଡ଼ିବ ନାହିଁ, ବରଂ ରିଲ୍ସ ଜାଗାକାର ସେମିତି ଚାଲୁଥିବ । ଏହି ଫିଚର ସମସ୍ତଙ୍କ ଲାଗି ଉପଲବ୍ଧ ହୋଇ ନାହିଁ । କିନ୍ତୁ ସୀମିତ ସଂଖ୍ୟକ ବ୍ୟବହାରକାରୀଙ୍କ ଉପରେ ଏହାକୁ ଇନଷ୍ଟାଗ୍ରାମ୍ ପରୀକ୍ଷା କରୁଛି ।

ଏହି ଫିଚର୍ ରିଲ୍ସ ଚାଲାଇବା ଲାଗି ବ୍ୟବହାରକାରୀଙ୍କୁ ଅଟୋ ସ୍କ୍ରାଲ୍ ରୋକିଥାଏ । ଏହାସହ ସ୍ୱତଃପ୍ରବୃତ୍ତ ଭାବେ ରିଲ୍ସକୁ ସ୍କ୍ରଲ କରିଥାଏ । ଯେଉଁ ବ୍ୟବହାରକାରୀ ରିଲ୍ସ ପ୍ଲାଲ କରିବାରେ ଅଧିକ ସମୟ ଅତିବାହିତ କରୁଥିଲେ, ସେମାନଙ୍କ

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୧୭ ନଭେମ୍ବର ୨୦୨୭

ଅନ୍ତରଙ୍ଗ ଦାନବ

ଏବେ ଟେକ୍‌ନୋଲୋଜି ପରିସରରେ ଏକ ଚର୍ଚ୍ଚା ଜୋର ଧରିବା ଦେଖାଯାଇଛି ଯେ ଆଉ ଅଳ୍ପଦିନ ମଧ୍ୟରେ 'ଏଆଇ' ସର୍ବାଧିକ ବୁଦ୍ଧିମାନ ମନୁଷ୍ୟଠାରୁ ମଧ୍ୟ ଅଧିକ ବୁଦ୍ଧମନ୍ତାର ଅଧିକାରୀ ହେବା ନିଶ୍ଚିତ। କିନ୍ତୁ ଜେନସେନ ହୁଆଙ୍ଗଙ୍କ ଜାହାଣୀ ଦେଖିଲେ ମନେହୁଏ, ତାହା ସତେ ଯେମିତି ଘଟି ଯାରିଲାଣି। କାରଣ ଯଦି ଜେନସେନ ହୁଆଙ୍ଗଙ୍କ ସ୍ଥାନରେ ଏକ 'ଏଆଇ' ସତା ଥାନ୍ତା, ସେ ବୋଧହୁଏ ଜେବେହେଲେ ଏଭଳି ନିର୍ବୋଧ ଆଚରଣ ପ୍ରଦର୍ଶନ କରି ନଥାନ୍ତା। ପୃଥିବୀର ସର୍ବାଧିକ ମୂଲ୍ୟବାନ କମ୍ପାନି, କୃତ୍ରିମ ବୁଦ୍ଧିମତା ('ଏଆଇ') ପାଇଁ ଅପରିହାର୍ଯ୍ୟ ହୋଇଥିବା ଉଚ୍ଚ କ୍ଷମତାସଂପନ୍ନ 'ସେମିକଣ୍ଡକ୍ଟର' ବା 'ଚିପ୍' ନିର୍ମାଣ କରୁଥିବା 'ଏନ୍‌ ?ଭିଡିଆ'ର ପ୍ରତିଷ୍ଠାତା ମାଲିକ ଆମେରିକୀୟ ଉଦ୍ଭିନିଅର ଶିକ୍ଷୋତ୍ତୋଳୀ ଜେନସେନ ହୁଆଙ୍ଗଙ୍କର ତାଙ୍କଠାରୁ ସୃଷ୍ଟିଛାରୀ ସ୍ଖଳନ ବହନ କରୁଥିବା ବିଚ୍ଚାରାନ୍ତ୍ର ଅସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ତାହା ହେଲା, ଯେଉଁ ବିଚକ୍ଷଣ ବ୍ୟକ୍ତିଙ୍କର କମ୍ପାନି ସମସ୍ତ ପୃଥିବୀକୁ ବର୍ତ୍ତମାନ ଜବଜିତ କରିଥିବା କୃତ୍ରିମ ବୁଦ୍ଧିମତା ବିପୁଳ ଆବଶ୍ୟକ କରୁଥିବା କମ୍ପ୍ୟୁଟିଙ୍ଗ ଶକ୍ତି ଯୋଗାଇ ତାକୁ ଆଗେଇ ନେବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲି, ସେଇ ବ୍ୟକ୍ତିଙ୍କର ପ୍ରାକୃତିକ ବୁଦ୍ଧିମତା ଏପରି ଏକ ଶକ୍ତି ନିକଟରେ ହାର ମାନି ଧରାଶାୟୀ ହୋଇଛି, ପ୍ରାଚୀନ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ନିକଟରେ ଜୈବିକ ବୁଦ୍ଧିମାନ ଜିୟା ଶକ୍ତିମାନ ଡିଷ୍ଟି ପାରିନାହାନ୍ତି। ସେ ଶକ୍ତି ହେଉଛି- ମାନବୀୟ ଅନ୍ତରଙ୍ଗତା। ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ- ସୁନ୍ଦରୀ ନାରୀର ଅନ୍ତରଙ୍ଗ ସାନ୍ନିଧ୍ୟ ପାଇଁ ଶକ୍ତିଶାଳୀ ପୁରୁଷମାନଙ୍କର ବ୍ୟାକୁଳତା। ଅତୀତର ମାତା ହାରିଙ୍କଠାରୁ ବର୍ତ୍ତମାନର ଆଲିସ ହୁଆଙ୍ଗଙ୍କ ପର୍ଯ୍ୟନ୍ତ ହେଉଛନ୍ତି ଏକ ଅସାଧାରଣ ଶକ୍ତିର ଅଧିକାରିଣୀ। ଉଲ୍ଲେଖ ନିଷ୍ପ୍ରୟୋଜନ, ଏଇ ଶେଷୋକ୍ତ ସୁନ୍ଦରୀ ବୁଦ୍ଧିମତୀ ଆଲିସ ହୁଆଙ୍ଗ (ସେ ଜେନସେନଙ୍କର ଜୀବିତାବସ୍ଥାର ପତ୍ନୀ)ଙ୍କ ନିକଟରେ ତାଙ୍କର ଘୋଚନ ଆତ୍ମସମର୍ପଣ ହିଁ ଆଜି ଜେନସେନ ହୁଆଙ୍ଗଙ୍କ ପାଇଁ ଜୀବନ ହୋଇଛି। ଏଇ ହୁଆଙ୍ଗ ଯୋଡ଼ିଙ୍କର ବର୍ତ୍ତମାନ ଅନାବୃତ ହୋଇଥିବା ଜାହାଣୀରେ ଯେଉଁସବୁ ସେକ୍ସ, ଗୁପ୍ତଚର ବୃତ୍ତି, ଜର୍ପୋରେଟ ଜାରବାର, ସେମିକଣ୍ଡକ୍ଟର ରପ୍ତାନି, ଏବଂ ଚୀନ-ଆମେରିକା ଦକ ବଷାକ୍ତି ମଧ୍ୟରୁ ଯେଉଁ ଯୋଡ଼ିଏ ଜଣ ଜେ ଜାରେଙ୍କର ଜାହାଣୀମାନ ମଧ୍ୟ ଫିଙ୍କା ପଡ଼ିଯିବା ଭଳି ମନେ ହୋଇଥାଏ। ତେବେ ଅତୀତର ମାତା ହାରି (ଅସଲ ନାମ- ମାର୍ଗାରେଥା ମାକ୍‌ଲିଅଡ)ଙ୍କ ଭଳି ଆଜିର ଆଲିସ ହୁଆଙ୍ଗମାନଙ୍କୁ କେ ?ଣସି ଛଦ୍ମନାମ ଧାରଣ କରିବାକୁ ପଡ଼ି ନ ଥାଏ, କିମ୍ବା ହାତରେ ଗୁପ୍ତ ଅସ୍ତ୍ର ସ୍ୱରୂପ ଏକ ପ୍ୟାନ୍ ଧରିବାକୁ ହୋଇ ନ ଥାଏ କିମ୍ବା ହାତ ବ୍ୟାଗରେ ଏକ ଛୋଟ ପିସ୍ତଲ ଲୁଚାଇ ରଖିବାକୁ ପଡ଼ି ନ ଥାଏ। ଆଜିର ଏଇ ସୁନ୍ଦରୀ ଗୁପ୍ତଚରମାନଙ୍କ ପାଇଁ ଯାହା ଯଥେଷ୍ଟ, ତାହା ହେଲା- ଜୌଣସି ଜଣେ ଶକ୍ତିଶାଳୀ ଜର୍ପୋରେଟ ବଦ୍ଧଙ୍କର ବ୍ୟକ୍ତିଗତ ପ୍ରବେଶ। ତାଙ୍କ ସହିତ ଏକ ବ୍ୟାବସାୟିକ ଂଫର୍ଦ୍ଦ ସ୍ଥାପନ ଏବଂ ତାଙ୍କର ବିଭିନ୍ନ ଦୋଷଦୁର୍ବଳତା ଂଫର୍ଦ୍ଦରେ ଅବଗତି। ଜେନସେନ ହୁଆଙ୍କ ହେଉଛନ୍ତି ଏଇଭଳି ଜଣେ ଜର୍ପୋରେଟ ବଦ୍ଧ। ସେ ହେଉଛନ୍ତି ଆମ ସମୟର ପୃଥିବୀର ଜଡିପି ସର୍ବାଧିକ ପ୍ରଭାବଶାଳୀ ଜର୍ପୋରେଟ ବଦ୍ଧମାନଙ୍କ ମଧ୍ୟରୁ ଅନ୍ୟତମ ତଥା ଅଗ୍ରଗଣ୍ୟ। ଅତ୍ୟାଧୁନିକ 'ଏଆଇ' ସିଷ୍ଟମମାନ କାର୍ଯ୍ୟ କରିବା ପାଇଁ ଏବଂ ସେମାନଙ୍କର ଚାଲିମ ପାଇଁ ଯେଉଁ ଉନ୍ନତ 'ଗ୍ରାଫିକ୍ ପ୍ରସେସିଙ୍ଗ ୟୁନିଟ୍‌ସ' ('ଜିପିୟୁ') ବ୍ୟବହୃତ ହୋଇଥାଏ, ହୁଆଙ୍ଗଙ୍କ ଂକ୍ପାନି ?ଈ ସେଗୁଡ଼ିକର ନିର୍ମାଣ କରିଥାଏ। ସିଲିକନ ଭ୍ୟାଲିରୁ ବେଜିଙ୍ଗ ପର୍ଯ୍ୟନ୍ତ, ଗବେଷଣାଗାରରୁ ସାମରିକ ଂସ୍ଥାପାନକ ପର୍ଯ୍ୟନ୍ତ ଏହି 'ଏନ୍‌ଭିଡିଆ' ଚିପ୍‌ସମାନ ଏବେ ଅପରିହାର୍ଯ୍ୟ ଉପାଦାନରେ ପରିଣତ ହୋଇସାରିଲେଣି। 'ଏନ୍‌ଭିଡିଆ' ଉପରୋକ୍ତ କହୁଥିବା ଏଇ ପ୍ରାୟ ଏକତାଟିଆ ଚ ଏବେ ଜେନସେନ ହୁଆଙ୍କଙ୍କୁ ଆକର୍ତ୍ତାରିତ ସ୍ତରରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଚରିତ୍ରରେ ପରିଣତ କରିଥାଏ। ବର୍ତ୍ତମାନ ତାଙ୍କର ଏଇ ଚରିତ୍ରରେ ଜଳଙ୍କ ସ୍ୱରୂପ ଧରା ପଡ଼ିଯାଇଛି ଆଲିସ ହୁଆଙ୍କଙ୍କ ସହିତ ତାଙ୍କର ଗୋପନ ଅବୈଧ ଂସ୍ପର୍ଦ୍ଦ, ଯାହା ସେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ଏବଂ ଯେଉଁଥିପାଇଁ ସେ ତାଙ୍କର ପରିବାର, ସହକର୍ମୀ ଓ ଂକ୍ପାନିର ସେଆରହୋଲ୍‌ଡରମାନଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଆଲିସ ହୁଆଙ୍କ ହେଉଛନ୍ତି ଜଣେ ଚୀନା ନାଗରିକ, ସିଏ ସିଙ୍ଗାପୁରସ୍ଥିତ କମ୍ପ୍ୟୁଟିଙ୍ଗ ଓ ଡେଟା ସେଂଟର ଂକ୍ପାନି 'ମେଗାସିଡ୍ ଇଂଟରନେସନାଲ'ରେ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। 'ମେଗାସିଡ୍ ଇଂଟରନେସନାଲ' ହେଉଛି 'ଏନ୍‌?ଭିଡିଆ'ର ଏକ ପ୍ରମୁଖ ଗ୍ରାହକ, ଯାହା ଆଲିସ ଓ ଜେନସେନଙ୍କ ମଧ୍ୟରେ ଂସ୍ପର୍ଦ୍ଦ ପ୍ରତିଷ୍ଠାରେ ସହାୟକ ହୋଇଥିଲା। ସେମାନଙ୍କ ମଧ୍ୟରେ ବ୍ୟାବସାୟିକ ଂସ୍ପର୍ଦ୍ଦ ଅବୈଧାଳୁକମ ବ୍ୟକ୍ତିଗତ ପ୍ରେମ ଂସ୍ପର୍ଦ୍ଦରେ ପରିଣତ ହୋଇଥିଲା। ଆମେରିକୀୟ ଗୁପ୍ତଚର ସୂତ୍ରରୁ ପ୍ରକାଶ ପାଇଛି ଯେ ଆଲିସ ହେଉଛନ୍ତି ଜଣେ ଚୀନା ଗୁପ୍ତଚର। ରିପୋର୍ଟ ଅନୁସାରେ 'ମେଗାସିଡ୍' ବିପୁଳ ପରିମାଣରେ 'ଏନ୍‌ ?ଭିଡିଆ' ପ୍ରସେସର ଗ୍ରୁୟ କରୁଥିଲା। ଏଥିରେ ଅନ୍ତର୍ଭୁକ୍ତ ଥିଲା ଉନ୍ନତ ଅତ୍ୟାଧୁନିକ ପ୍ରସେସରମାନ, ନିଜର ଜାତୀୟ ନିରାପତ୍ତା ସୁରକ୍ଷିତ ରଖିବା ପାଇଁ ଚୀନକୁ ଯାହାର ରପ୍ତାନି ଉପରେ ଆମେରିକା ନିଷେଧାଦେଶ ଲାଗୁ କରିଛି। ସନ୍ଦେହ କରାଯାଉଛି 'ମେଗାସିଡ୍' ଏହି ନିଷେଧାଦେଶ ଅମାନ୍ୟ କରି ଗୋପନରେ ଏଗୁଡ଼ିକୁ ଚୀନକୁ ଡୋରାଏରେ ଚାଲାଣ କରିଚାଲିଥିଲା। ଏହା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଯେ ଜେନସେନ ହୁଆଙ୍କ ହେଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଜଣେ ପରିଷ୍ଦ ବ୍ୟକ୍ତି ଏବଂ ଚୀନ ଉପରେ ଉପରୋକ୍ତ ଜଟକଣା ଘୋଚନ କରିବା ପାଇଁ ହୁଆଙ୍କ ସର୍ବଦା ଟ୍ରମ୍ପଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା ଚଳାଇବା ଦେଖାଯାଇଛି। ବର୍ତ୍ତମାନ ସଦ୍ଦେହ ହେଉଛି ଯେ ଜେନସେନ ନିଜେ ଏଥିପାଇଁ ଆଲିସଙ୍କ ଦ୍ୱାରା ପ୍ରଭାବିତ ହୋଇପାରିଥାନ୍ତି। ଏବେ ଟେକ୍‌ନୋଲୋଜି ପରିସରରେ ଏକ ଚର୍ଚ୍ଚା ଜୋର ଧରିବା ଦେଖାଯାଇଛି ଯେ ଆଉ ଅଳ୍ପଦିନ ମଧ୍ୟରେ 'ଏଆଇ' ସର୍ବାଧିକ ବୁଦ୍ଧିମାନ ମନୁଷ୍ୟଠାରୁ ମଧ୍ୟ ଅଧିକ ବୁଦ୍ଧମନ୍ତାର ଅଧିକାରୀ ହେବା ନିଶ୍ଚିତ। କିନ୍ତୁ ଜେନସେନ ହୁଆଙ୍କ ଜାହାଣୀ ଦେଖିଲେ ମନେହୁଏ, ତାହା ସତେ ଯେମିତି ଘଟି ଯାରିଲାଣି। କାରଣ ଯଦି ଜେନସେନ ହୁଆଙ୍କ ସ୍ଥାନରେ ଏକ 'ଏଆଇ' ସତା ଥାନ୍ତା, ସେ ବୋଧହୁଏ ଜେବେହେଲେ ଏଭଳି ନିର୍ବୋଧ ଆଚରଣ ପ୍ରଦର୍ଶନ କରି ନଥାନ୍ତା। ତାଙ୍କର ଏଇ ଆଚରଣଜନିତ କ୍ଷତିକୁ ସୀମିତ କରିବା ଆଶାରେ ବର୍ତ୍ତମାନ ତାଙ୍କ କଂପାନିର ପରିଚାଳନା ବୋର୍ଡ ଏହାର ଏକ ଅନୁସନ୍ଧାନ ଆରମ୍ଭ କରିଛି। ଆମେରିକା ସରକାରଙ୍କ ତରଫରୁ 'ଏଫ୍‌ବିଆଇ' ସଦ୍ୟ ନିଜର ଅନୁସନ୍ଧାନ ଆରମ୍ଭ କରିଛି ବୋଲି ସୂଚନା ପ୍ରକାଶ ପାଇଛି। (ତେବେ ଏକ ବିରଳ ଂସ୍ୱାକାରୋକ୍ତି ସ୍ୱରୂପ ରାଷ୍ଟ୍ରପତି ଟ୍ରମ୍ପ ହୁଆଙ୍କଙ୍କ ପ୍ରତି ଏକ ନରମ ଆଭିମୁଖ୍ୟ ପ୍ରଦର୍ଶନ କରି ବହିଛନ୍ତି ଯେ ସମସ୍ତେ ଏପରି କରିଥାନ୍ତି।) ତଥାପି ଜେନସେନ ହୁଆଙ୍କଙ୍କ କାର୍ଯ୍ୟର ସମ୍ଭାବ୍ୟ ପରିଣାମମାନ ସମ୍ବନ୍ଧରେ ଏକ ଅନୁମାନ କରାଯାଇପାରେ।

ଶିଶୁ ଓ ଦେଶର ଭବିଷ୍ୟତ

ଆମେ ଆମ ପିଲାମାନଙ୍କୁ କେଉଁଭଳି ଭବିଷ୍ୟତ ଦେଉଛୁ ? ସେମାନଙ୍କ ପାଇଁ ଆମେ କେବଳ ବଡ଼ ବଡ଼ ସ୍ୱପ୍ନ ଦେଖାଉଛୁ, ନା ସେହି ସ୍ୱପ୍ନ ପୂରଣ କରିବାର ସୁଯୋଗ ମଧ୍ୟ ସୃଷ୍ଟି କରୁଛୁ ? ନଭେମ୍ବର ୧୪ ତାରିଖ ହେଉଛି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜନ୍ମଦିନ। ଶିଶୁମାନଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ ଓ ଉଲ୍ଲାଉବା ଯୋଗୁଁ ଏହି ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ସେ ଶିଶୁମାନଙ୍କୁ ଦେଶର ଭବିଷ୍ୟତ ଭାବେ ଦେଖୁଥିଲେ। ତାଙ୍କର ଏହି ଚିନ୍ତାଧାରା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। କିନ୍ତୁ ସମୟ ବଦଳିଛି, ସମାଜ ବଦଳିଛି, ଜୀବନଶୈଳୀ ବଦଳିଛି ଏବଂ ଶିଶୁମାନଙ୍କ ସାମ୍ନାରେ ଥିବା ଆହ୍ୱାନ ମଧ୍ୟ ବଦଳିଛି। ଦିନେ ଶିଶୁଙ୍କ ଖେଳପଡ଼ିଆ ଥିଲା ଗାଁର ଖୋଲା ପଡ଼ିଆ, ବିଦ୍ୟାଳୟର ଅଗଣା ଓ ଘର ସାମ୍ନାର ରାସ୍ତା; ଆଜି ସେହି ଖେଳପଡ଼ିଆର ଏକ ବଡ଼ ଅଂଶ ମୋବାଇଲ ପରଦା ଭିତରକୁ ଚାଲିଯାଇଛି। ଦିନେ ଶିଶୁମାନେ କେଇବେଳା, କେଇମାଆଙ୍କଠାରୁ ଗପ ଶୁଣି ଜୀବନର ମୂଲ୍ୟବୋଧ ଶିଖୁଥିଲେ; ଆଜି ଅନେକ ଶିଶୁଙ୍କ ସମୟ ଅତିବାହିତ ହେଉଛି ଦୂରଭାଷ ଯନ୍ତ୍ରର ପରଦାରେ। ପ୍ରଯୁକ୍ତିର ବିକାଶକୁ ଅସ୍ୱୀକାର କରିବା ଆମର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ପ୍ରଯୁକ୍ତି ଯେପରି ଶିଶୁଙ୍କ ଜୀବନକୁ ସହଜ ଓ ସମୃଦ୍ଧ କରିବ, ସେଥିପାଇଁ ସଚେତନତା ଅତ୍ୟନ୍ତ ଆବଶ୍ୟକ। ଆଜିର ଶିଶୁ କୁତ୍ତିମ ବୁଦ୍ଧିମତା, ରୋବୋଟ, ମହାକାଶ ଗବେଷଣା, ଡିଜିଟାଲ ଶିକ୍ଷା ଓ ବିଶ୍ୱବ୍ୟାପୀ ଜ୍ଞାନର ଏକ ଦୁଆର ସୁଗରେ ରହୁଛି। ଏହା ତାର ପାଇଁ ଅସୀମ ସମ୍ଭାବନାର ଦ୍ୱାର ଖୋଲିଛି। ଘରେ ବସି ଦୁନିଆର ଜ୍ଞାନ ଆହରଣ କରିବା, ନୂଆ ଭାଷା ଶିଖିବା, ନିଜ ପ୍ରତିଭାକୁ ପ୍ରକାଶ କରିବା ଏବଂ ନୂତନ ଆବିଷ୍କାର ସମ୍ପର୍କରେ ଜାଣିବା ଆଜି ଅଧିକ ସହଜ ହୋଇଛି। କିନ୍ତୁ ଏହି ସୁବିଧା ସହିତ ବିପଦ ମଧ୍ୟ ଆସିଛି। ଅତ୍ୟଧିକ ପରଦା ବ୍ୟବହାର, ଅନୁଚିତ ଦୃଶ୍ୟ, ଅଜଣା ବ୍ୟକ୍ତିଙ୍କ ସହ ଅନଲାଇନ ସମ୍ପର୍କ, ଖେଳ ପ୍ରତି ଆସକ୍ତି, ମିଥ୍ୟା ସୂଚନା ଓ ମାନସିକ ଚାପ ଶିଶୁଙ୍କ ସ୍ୱାଭାବିକ ବିକାଶକୁ ପ୍ରଭାବିତ କରିପାରେ। ତେଣୁ ଶିଶୁକୁ କେବଳ ଯନ୍ତ୍ର ବେରଡେଲେ ଆମର ଦାୟିତ୍ୱ ସରିଯାଏ ନାହିଁ; ସେମାନଙ୍କୁ ତାହାର ସଠିକ ବ୍ୟବହାର, ସୁରକ୍ଷା ଓ ସୀମା ସମ୍ପର୍କରେ ଶିକ୍ଷା ଦେବା ଆବଶ୍ୟକ। ଶିଶୁଙ୍କ ହାତରେ ମୋବାଇଲ ଦେବା ପୂର୍ବରୁ ଅଭିଭାବକ ନିଜକୁ ପଚାରନ୍ତୁ—ଏହା ତାଙ୍କ ଜ୍ଞାନ ବଢ଼ାଉଛି, ନା ତାଙ୍କର ଶୈଶବକୁ ଛଡ଼ାର ନେଉଛି ? ଆଜିର ଆଉ ଏକ ବଡ଼ ଚିନ୍ତା ହେଉଛି ଶିକ୍ଷାରେ କଢୁଥିବା ପ୍ରତିଯୋଗିତା। ଶିଶୁର ଆତ୍ମହୁ, ପ୍ରତିଭା ଓ ସାମର୍ଥ୍ୟକୁ ବୁଝିବା ପରିବର୍ତ୍ତେ ? ତାକୁ ଅନ୍ୟ ପିଲାଙ୍କ ସହ ତୁଳନା କରାଯାଉଛି। କିଏ ଅଧିକ ନମ୍ବର ରଖିଲା, କିଏ ଭଲ ବିଦ୍ୟାଳୟରେ ପଢ଼ିଲା, କିଏ ଅଧିକ ପୁରସ୍କାର ପାଇଲା—ଏହି ପ୍ରଶ୍ନ ମଧ୍ୟରେ ଶିଶୁର ନିଜସ୍ୱ ଜରୁଆ ଓ ଆନନ୍ଦ ଅନେକ ସମୟରେ ହଜିଯାଉଛି। ଶିକ୍ଷାର ଉଦ୍ଦେଶ୍ୟ କେବଳ ପରୀକ୍ଷାରେ ଅଧିକ ନମ୍ବର ରଖିବା ନୁହେଁ; ଜଣେ ଭଲ ମଣିଷ, ଦାୟିତ୍ୱବାନ ନାଗରିକ, ସତ୍‌ଚେତ ବ୍ୟକ୍ତି ଓ ସମାଜ ପ୍ରତି ସମ୍ବେଦନଶୀଳ ମଣିଷ ଗଢ଼ିବା ହେଉଛି ପ୍ରକୃତ ଶିକ୍ଷାର ଲକ୍ଷ୍ୟ। ଜଣେ ଶିଶୁ ଗଣିତରେ ଦୁର୍ବଳ ହୋଇପାରେ, କିନ୍ତୁ ସଙ୍ଗୀତରେ ଅସାଧାରଣ ପ୍ରତିଭା ଥାପାରେ; ଅନ୍ୟ ଜଣେ ପାଠପଢ଼ାରେ ମଧ୍ୟମ ହୋଇପାରେ, କିନ୍ତୁ ଖେଳ, ଚିତ୍ରକଳା, ଅଭିନୟ କିମ୍ବା ନେତୃତ୍ୱରେ ଅଦ୍ଭୁତ ଦକ୍ଷତା ଦେଖାଇପାରେ। ପ୍ରତ୍ୟେକ ଶିଶୁ ଅଲଗା, ପ୍ରତ୍ୟେକ ପ୍ରତିଭାର ନିଜସ୍ୱ ପରିଚୟ ଅଛି। ଏହି ସତ୍ୟକୁ ଅଭିଭାବକ ଓ ଶିକ୍ଷକମାନେ ହୃଦୟଙ୍ଗମ କରିବା ଦରକାର। ଶିଶୁଙ୍କୁ ଆକାଶ ଦେଖାନ୍ତୁ, କିନ୍ତୁ ନିଜ ଇଚ୍ଛାର ପକ୍ଷୀ ହୋଇ ଉଡ଼ିବାର ସ୍ୱାଧୀନତା ମଧ୍ୟ ଦିଅନ୍ତୁ। ଏହା ସହିତ ଶିଶୁ ସୁରକ୍ଷା ଆଜିର ସମାଜ ପାଇଁ ଏକ ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ। ଶିଶୁ ଶ୍ରମ, ଡାଇ୍ୟବିହାର, ଶାରୀରିକ ଓ ମାନସିକ ନିର୍ଯ୍ୟାତନା, ଯୌନ ଶୋଷଣ, ମାନବ ଚାଲାଣ ଏବଂ ଭିକ୍ଷାବୃତ୍ତି ପାଇଁ ଶିଶୁଙ୍କ ବ୍ୟବହାର ଭଳି ଘଟଣା ସଭ୍ୟ ସମାଜର ମୁହଁରେ କଳଙ୍କ। ଯେଉଁ ବୟସରେ ଶିଶୁଙ୍କ ହାତରେ ବହି ଓ ଖେଳଣା ରହିବା କଥା, ସେହି ବୟସରେ ଯଦି ସେମାନଙ୍କ ହାତରେ ଶ୍ରମର ଭାର ଦିଆଯାଏ, ତେବେ ଏହା କେବଳ ଜଣେ ଶିଶୁର ଅଧିକାର ହନନ ନୁହେଁ, ଏହା ଦେଶର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲିଦେବା ସହ ସମାନ। ଗରିବୀ, ଅସଚେତନତା ଓ ସାମାଜିକ ବ୍ୟବହାର ବିଷୟରେ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରଦାନ କରିଥିଲେ । ପ୍ରାଚୀନ ପନ୍ଥତିରେ ମହୁ, ଘିଅ, ଗୋବର ଏବଂ ଔଷଧୀୟ ପାଉଁଶ ଭଳି ସାମଗ୍ରୀର ମିଶ୍ରଣକୁ ବ୍ୟବହାର କରାଯାଇ ବୃକ୍ଷରୋପଣର ପୋଷଣ ଏବଂ ସେସବୁର ମାନବ ରୋଗ ଉପଶମରେ ବ୍ୟବହାର କରାଯାଉଥିଲା । ମାତ୍ର ଆଧୁନିକ ସମାଜରେ ଏସବୁ ପ୍ରାଚୀନ ପନ୍ଥତି ବର୍ଜିତ ହୋଇ ଏକ ଅସନ୍ତୁଳିତ ପ୍ରକ୍ରିୟାରେ କାର୍ଯ୍ୟଧାରା ଚାଲୁରହିଛି, ଯାହା ଉଭୟ ଭଭିଦଜଗତ ଓ ପ୍ରାଣୀଜଗତ ପ୍ରତି ଅଶେଷ କ୍ଷତିସାଧନ କରୁଛି । ତେବେ, ପରିବେଶର ଗୁଣତତା ଅବକ୍ଷୟିତ ହେଉଥିବା ଆଧୁନିକ ବିଶ୍ୱରେ ବୃକ୍ଷରୋପଣ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ପରିବେଶୀୟ ସ୍ଥିରତା, ଆର୍ଥ୍ର କିବାଣ ଏବଂ ସାମାଜିକ କଲ୍ୟାଣରେ ଯୋଗଦାନ ରଖେ । ଡାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ହ୍ରାସ, ବିଲୁପ୍ତ ପ୍ରଜାତି, ଜୈବବିବିଧତା ଅବକ୍ଷୟ ତଥା ଅନ୍ୟ ପରିବେଶଜନିତ ସମସ୍ୟା ସମ୍ପର୍କରେ ଜ୍ରମଶଃ ସଚେତନତା ବୃଦ୍ଧି ପାଉଥିବାରୁ, ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମାନବ ସମାଜର ହିତ ସାଧନ ହେବା ନିମନ୍ତେ ବୃକ୍ଷରୋପଣର ଗୁରୁତ୍ୱକୁ ଜନସମାଜ ହୃଦୟଙ୍ଗମ କଲାଣି । ବୃକ୍ଷରୋପଣ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବ ଏବଂ ଅମ୍ଳଜାନ ନିର୍ଗତ କରିବ । ଏଥିସହ ପ୍ରତ୍ୟକ୍ଷିତ ବାୟୁକୁ ବିଶୁଦ୍ଧ କରିବ ତଥା ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ମାତ୍ରାକୁ ହ୍ରାସ କରି ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବ । ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ୍) ଭାବରେ କାର୍ଯ୍ୟ କରି ରାଷ୍ଟ୍ରମାନଙ୍କର ଜଳବାୟୁ ଲକ୍ଷ୍ୟ ପୂରଣ ଏବଂ ସେମାନଙ୍କର ପରିବେଶଗତ ପଦଚିହ୍ନକୁ ହ୍ରାସ କରିବାରେ ସହାୟତା କରିବ । ଏତଦ୍ ବ୍ୟତୀତ, ରୋପିତ ବୃକ୍ଷମାନେ ମାଟିକୁ ମୂଳ ସହିତ ଧରିରଖି ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିବ, ଯାହା ଉର୍ବର ଭୂମିକୁ ସୁରକ୍ଷା ଦିଏ ଏବଂ ଭୂତଳ ଓ ମରୁଭୂମିକରଣ ପରି ବିପଦରେ ହ୍ରାସ ଘଟାଏ । ଏ ସମସ୍ତ ବିଷୟକୁ ପୂର୍ବାବଲୋକନ ଓ ହୃଦୟଙ୍ଗମ କରି ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଡ. ଜେ.ଏମ୍. ମୁନସୀ ୧୯୫୦ ମସିହାରେ ନିଷ୍ପତ୍ତି ଗ୍ରହଣ କରିଥିଲେ ଯେ, ଜୁଲାଇ ମାସ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ବା 'ବୃକ୍ଷ ପର୍ବ' ରୂପେ ଦେଶବ୍ୟାପୀ ପାଳନ କରାଯିବ । ମୌସୁମୀ ଋତୁର ପ୍ରାରମ୍ଭରେ ବ୍ୟକ୍ତିସମୂହ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଗଠନ ଦ୍ୱାରା ବ୍ୟାପକ ସଂଖ୍ୟାର ତାରା ରୋପଣ ସମ୍ଭାବିତ ହେବା ସହ ବୃକ୍ଷରୋପଣର ଗୁରୁତ୍ୱ ଏବଂ ଜଙ୍ଗଲ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟିର ପ୍ରୟାସ କରିବା ଏହି ପର୍ବ ପାଳନର ମୁଖ୍ୟ ଲକ୍ଷ୍ୟ । ଅର୍ଥନିତିର ଦୃଷ୍ଟିକୋଣରୁ ବୃକ୍ଷରୋପଣ ହେଉଛି ଜଡାମାୟ ଏବଂ ନିମୁକ୍ତି ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଚା, କଫି, ରବର, ନଡ଼ିଆ ଓ ପାମ୍ ତେଲ ଏବଂ କାଷ୍ଠ ଭଳି ବୃହତ୍ ବୃକ୍ଷ ରୋପଣଜନିତ କୃଷି ଜାତୀୟ ଅର୍ଥନୀତିରେ, ବିଶେଷକରି ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ । ଏହି ଶିଳ୍ପଗୁଡ଼ିକ କୃଷକ, ଶ୍ରମିକ ଏବଂ ବ୍ୟବସାୟୀଙ୍କ ସମେତ ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ଜୀବିକା ଉପାର୍ଜନର ଉତ୍ସ ଅଟେ । ବୃକ୍ଷରୋପଣରୁ ପ୍ରାପ୍ତ ଉପାଦଗୁଡ଼ିକ ଖାଦ୍ୟ ପ୍ରକ୍ରିୟାକରଣ, ବିଜିନ୍ନ ଦ୍ରବ୍ୟ ନିର୍ମାଣ, ଜାଷ ସରଞ





ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
କୋଲାବିରା ସିଏଚସି ସମ୍ମୁଖରେ ୮ ଦିନିଆ ଧାରଣା

ଝାରସୁଗୁଡା,୧୬/୧୧(ନି/ପ୍ର): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାର୍ଘବିନ ଧରି ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, ଏଲ୍.ଟି.ଆର.ଏମ୍.ଓ. ଏବଂ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀଙ୍କ ପଦବୀ ପୂରଣ ଦାବିରେ ଆନ୍ଦୋଳନକୁ ଓଢ଼ାଇବ ଆଟଚ୍ଛିକ ବିକାଶ ପରିଷଦ ସଂଗଠନ। ଏନେଇ ଆସନ୍ତା ନଭେମ୍ବର ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ସିଏଚ୍‌ସି ସମ୍ମୁଖରେ ଆଠ ଦିନିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ।ଏହି ଆନ୍ଦୋଳନର ସଫଳ ଆୟୋଜନ ନିମନ୍ତେ ସଂଗଠନର ସଭାପତି ଜିତେନ୍ଦ୍ରୀୟ ଧୁରୁଆଙ୍କ ଅଧ୍ୟକ୍ଷତାରେ ଶନିବାର କୋଲାବିରା ବଜାର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ଲଇଜେରା, କୋଲାବିରା ଓ ଜିର୍ମିରା ଅଞ୍ଚଳର ସ୍ୱାସ୍ଥ୍ୟସେବା ସମସ୍ୟା ଏବଂ ଆଗାମୀ ଆନ୍ଦୋଳନର ରୂପରେଖ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସୂଚନାନୁସାରେ, କୋଲାବିରା ସିଏଚ୍‌ସିରେ ଶଲ୍ୟଚିକିତ୍ସା, ମେଡିସିନ୍, ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁରୋଗ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ସମେତ ଏଲ୍.ଟି.ଆର.ଏମ୍.ଓ. ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀଙ୍କ ଅନେକ ପଦବୀ ଖାଲି ପଡ଼ିଛି। ଫଳରେ କୋଲାବିରା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଗୁରୁତର ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ଫେରର କରିବାକୁ ପଡୁଥିବାରୁ ରୋଗୀ ଓ ସେମାନଙ୍କ ପରିବାର ଆର୍ଥିକ ଏବଂ ମାନସିକ ଦୁର୍ଦ୍ଦଶା ଭୋଗୁଛନ୍ତି।ସଂଗଠନ ପକ୍ଷରୁ ନିଷ୍ପତି ଅନୁଯାୟୀ, ପ୍ରତିଦିନ ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋଲାବିରା ସିଏଚ୍‌ସି ସମ୍ମୁଖରେ ଏହି ଗଣଧାରଣା ଚାଲିବ। ଏ ସମ୍ପର୍କରେ ଝାରସୁଗୁଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧ୍ୀକ୍ଷକଙ୍କୁ ମଧ୍ୟ ସଂଗଠନ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଛି।ଅଂଚଳବାସୀଙ୍କୁ ଜରୁରୀ ଓ ନିବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସମସ୍ତ ଖାଲି ଡାକ୍ତରୀ ଓ ସହଯୋଗୀ କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବାକୁ ପରିଷଦ ଦାବି କରିଛି। ଏହା ଏକ ଜନସ୍ୱାର୍ଥ ସମ୍ବଳିତ ଆନ୍ଦୋଳନ ହୋଇଥିବାରୁ ବଳମତ ନିର୍ବିଶେଷରେ ସମସ୍ତ ଅଂଚଳବାସୀ ଏଥିରେ ସହଯୋଗ କରିବାକୁ ସଂଗଠନ ଆହ୍ୱାନ ଦେଇଛି।ବୈଠକରେ ପରିଷଦର ସମ୍ପାଦକ ପ୍ରଶାନ୍ତ ମହାନନ୍ଦିଆ, କୋଷାଧ୍ୟକ୍ଷ ସୁଖ କିସାନ, ଗଜେନ୍ଦ୍ର କୁଆ, ଗୁକୁଣ ମରାଇ, ମନୋଜ ସେଠ୍, ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ବରିଷ୍ଠ ଆଦିବାସୀ ନେତା ପ୍ରେମସାଗର ଧୁରୁଆ, ପ୍ରଭାକର ଓରାମ, ପ୍ରବୀଣ ସାହୁ, ଅନ୍ୟାନ୍ୟ ସଦସ୍ୟ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।



ଦେବ୍ରିଗଡ଼ ଅଭୟାରଣ୍ୟକୁ ଆସିଥିବା ବାଘର ଉତ୍ତ ଠାବ:
ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ଟାଇଗର ରିଜର୍ଭରେ ଥିଲା ୬ ମାସ

ସମ୍ବଲପୁର,୧୬/୧୧(ନି/ପ୍ର): ଦେବ୍ରିଗଡ଼ ଅଭୟାରଣ୍ୟକୁ ଗତ ୯ ନଭେମ୍ବର ରେ ଆସିଥିବା ଅଣ୍ଡିରା ବାଘର ପୂର୍ବ ଗତିବିଧି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଛତିଶଗଡ଼ ବନ ବିଭାଗର ଅଧିକାରୀଙ୍କଠାରୁ ମିଳିଥିବା ଜ୍ୟାମେରା ଟ୍ରାପ୍ ଫଟୋ ଏବଂ ବାଘର ଶରୀରରେ ଥିବା ଡୋରାର ନମୁନା ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଏହି ବାଘଟି ୨୦୨୫ ମସିହାରେ ପ୍ରାୟ ୬ ମାସ ଧରି ଛତିଶଗଡ଼ର ଉଦନ୍ତୀ-ସୀତାନଦୀ ଟାଇଗର ରିଜର୍ଭରେ ଚିହ୍ନଟ ହୋଇଥିଲା। ବାଘର ଶରୀରରେ ଥିବା ଡୋରାର ନମୁନା (ଷ୍ଟ୍ରାଇପ୍ ପ୍ୟାଟର୍ନ) ମେଳ ଜରି ଏହାର ପରିଚୟ ନିର୍ଣ୍ଣିତ କରାଯାଇଛି। ଏହାର ପୂର୍ବ ଗତିବିଧି ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଜ୍ୟାମେରା ଟ୍ରାପ୍ ଫଟୋର ବିଶ୍ଳେଷଣ ଜାରି ରହିଛି। ବନ ବିଭାଗର ଅଧିକାରୀଙ୍କ ଅନୁମାନ ଅନୁଯାୟୀ, ଏହି ବାଘଟି ମୂଳତଃ ମହାରାଷ୍ଟ୍ର ଅଂଚଳରୁ ବିଚରଣ କରି ଛତିଶଗଡ଼ ଦେଇ ଦେବ୍ରିଗଡ଼କୁ ଆସିଥାଇପାରେ। ତେବେ ମହାରାଷ୍ଟ୍ରରୁ ଏହାର ଯାତ୍ରାପଥ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି କ୍ୟାମେରା ଟ୍ରାପ୍ ପ୍ରମାଣ ମିଳିନାହିଁ। ଏହି ବାଘର ବିସ୍ତୃତ ବିଚରଣ ଇତିହାସ ଓ ପୂର୍ବ ଗତିବିଧି ସମ୍ପର୍କରେ ଅଧିକ ତଥ୍ୟ ପାଇବା ପାଇଁ ଦେବ୍ରିଗଡ଼ ଅଭୟାରଣ୍ୟ କର୍ତ୍ତୃପକ୍ଷ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣକୁ ଅନୁରୋଧ କରିଛନ୍ତି। ଏହି ତଥ୍ୟ ମିଳିବା ପରେ ବାଘର ବୀର୍ଘ ବୃତ୍ତରା ବିଚରଣ ଓ ଗତିପଥ ସମ୍ପର୍କରେ ଅଧିକ ସ୍ପଷ୍ଟତା ଆସିବ ବୋଲି ଆଶା କରାଯାଉଛି।



ଝାରସୁଗୁଡ଼ାରେ ଭତା ବଣ୍ଟନ କାର୍ଯ୍ୟକ୍ରମ: ୨,୧୦୮ ଜଣ ହିତାଧିକାରୀ ହେଲେ ଉପକୃତ

ଝାରସୁଗୁଡ଼ା,୧୬/୧୧(ନି/ପ୍ର): ସ୍ଥାନୀୟ ଏମ୍ପିଏଲ୍ ଅଡିତରିୟମ ଠାରେ ଆଜି ଝାରସୁଗୁଡ଼ା ବ୍ଲକ ଏବଂ ଝାରସୁଗୁଡ଼ା ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଭତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ୯୪୪ ଜଣ ଏବଂ ଝାରସୁଗୁଡ଼ା ପୌର ପରିଷଦର ୧,୧୬୪ ଜଣ ନୂତନ ହିତାଧିକାରୀଙ୍କୁ ଭତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ନୂତନ ହିତାଧିକାରୀଙ୍କୁ ଭତା ପ୍ରଦାନ ଏବଂ ପଞ୍ଜିକୃତ ପେନସନ ଯୋଜନାର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ। ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାଏକ ନୂତନ ଭାବେ ଯୋଜନାରେ ସାମିଲ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିସହ ଆଗାମୀ ଦିନରେ ଜିଲ୍ଲାରେ ହୃଦରୋଗ ଚିକିତ୍ସାଳୟ, ବିଶ୍ୱବିଦ୍ୟାଳୟ, ଗୋଦାବରୀଶ ଆବର୍ତ୍ତ ବିଦ୍ୟାଳୟ ଏବଂ ମଙ୍ଗଳ ବଜାର ଚିକିତ୍ସାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ। ସୁଭଦ୍ରା ଯୋଜନା, 'ନିଶାମୁକ୍ତ ଝାରସୁଗୁଡ଼ା' ଅଭିଯାନ ଏବଂ ବିଭିନ୍ନ କୃଷି ଯୋଜନାରୁ ଲାଭ ଉଠାଉଥିବା ଯୋଗ୍ୟ ହିତାଧିକାରୀମାନେ ବକ୍ତବ୍ୟ ରଖିଥିଲେ। ଏହି ପଞ୍ଜିକୃତ ପେନସନ ଯୋଜନାରେ ମଧ୍ୟ ସାମିଲ ହୋଇ ଏହାର ସୁଫଳ ନେବାକୁ ବିଧାୟକ ଆହ୍ୱାନ ଦେଇଥିଲେ।ଭତ୍ତା କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ ଯୋଗ ଦେଇଥିବା ବେଳେ ମଞ୍ଚାସନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ମୋହନ ସାହୁ, ସାଂସଦଙ୍କ ପ୍ରତିନିଧି ହେମ ରଞ୍ଜନ ସିଂହ, ଜାଇନସିଲର ଓ୍ୱାର୍ଡ ନଂ ୧୩ ଦେବବ୍ରତ ପାଣ୍ଡେ, ଜାଇନସିଲର ଓ୍ୱାର୍ଡ ନଂ ୧୯ ତରଙ୍ଗ ବୁବେ, ଜାଇନସିଲର ଓ୍ୱାର୍ଡ ନଂ ୧୦ ମୁମ୍ତିରା ଶୋଭନୀଲ, ଓ୍ୱାର୍ଡ ନଂ ୩୩ ବନ୍ଦନା ମୁହଋ,ଅରବିନ୍ଦ ପାଠକ ପ୍ରମୁଖ ମଚ୍ଚାସୀନ ରହି ଭତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଏବଂ ପୌର ପରିଷଦ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଆବଣ୍ଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ



ସମ୍ବଲପୁର,୧୬/୧୧(ନି/ପ୍ର): ବଲାଙ୍ଗୀର ଠାରେ ଆଜି ପୂର୍ବାହ୍ନ ୧୧ଟାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ଆବଣ୍ଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ସମ୍ବଲପୁର ସ୍ଥିତ ତପସ୍ୱିନୀ ହଲ୍ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା କୁମୁବିନୀ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ ଖୋଇ, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର ଏବଂ ଧନକଉଡ଼ା ବିଡିଓ ଅଳିକ କୁଲୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମିଶ୍ର କହିଥିଲେ ଯେ, 'ଗୋଟିଏ ଦେଶ ବା ରାଜ୍ୟର ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ବଂଚ ସାଧାରଣ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବା ଦ୍ୱାରା ହିଁ ପ୍ରତିଫଳିତ ହୋଇଥାଏ।' ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ, 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗ୍ରାମାଂଚଳରେ ଗୃହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ଏବଂ ୨୦୨୯ ମସିହା ସୁଦ୍ଧା ଜିଲ୍ଲାର ସମସ୍ତ ମାଟି ଘରକୁ ପକ୍କା ଘରରେ ପରିଣତ କରିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରୟାସ କରାଯାଉଛି।' ଏହି ଅବସରରେ ଜିଲ୍ଲାରେ ମଦ ଏବଂ ଜୁଆ ଭଳି ସାମାଜିକ କୁସଂସ୍କାର ଉପରେ ଉଦ୍ରେଗ ପ୍ରକାଶ କରି ବିଧାୟକ ଶ୍ରୀ ମିଶ୍ର ଜନସାଧାରଣଙ୍କୁ ଏଥିରୁ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ। ସରକାରୀ ସହାୟତା ସହିତ ନିଜସ୍ୱ ସଂଚୟକୁ ବିନିଯୋଗ କରି ପ୍ରତ୍ୟେକ ପରିବାର ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ଜରେ ହିଁ ସମ୍ବଲପୁର ଜିଲ୍ଲା ରାଜ୍ୟର ଏକ ନୟର ବିଜଣିତ ଜିଲ୍ଲା ଭାବେ ପରିଗଣିତ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

କିର୍ମିରାଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ଝାରସୁଗୁଡ଼ା,୧୬/୧୧(ନି/ପ୍ର): ଜିର୍ମିରା ବ୍ଲକଠାରେ 'ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା - ୨୦୨୬' ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ତଙ୍କଧର ତ୍ରିପାଠୀ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି ଅବସରରେ ଉପସ୍ଥିତ ଚାଷୀମାନଙ୍କୁ ସମ୍ବୋଧିତ କରି ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦକ୍ଷ ନେତୃତ୍ୱରେ ରାଜ୍ୟ ସରକାର ମତ୍ସ୍ୟଚାଷୀ ଓ ପଶୁପାଳକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ । ବର୍ତମାନ ରାଜ୍ୟରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ସାମୁଦ୍ରିକ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ଜାମଧେନୁ ଯୋଜନା, ରାଷ୍ଟ୍ରୀୟ ଗୋକୁଳ ମିଶନ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । ଏହିସବୁ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ବ୍ୟାପକ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ଯୋଗାର ଦିଆଯାଉଛି । ଆମ ଅଂଚଳରେ ମତ୍ସ୍ୟଚାଷ ଓ ପ୍ରାଣୀପାଳନର ରହିଥିବା ଅପାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ସହ ଚାଷୀ ଭାଇ ଓ ଭଉଣୀମାନେ ସରକାରୀ ଯୋଜନାର ଭରପୂର ସୁଯୋଗ ନେଇ ଆତ୍ମନିର୍ଭରଶୀଳ ହେବାକୁ ସେ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ବ୍ଲକର ଅଗ୍ରଣୀ ତଥା ସଫଳ ମତ୍ସ୍ୟଚାଷୀ ଏବଂ ଗୋପାଳକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଆର୍ଥିକ ପ୍ରୋତ୍ସାହନ ରାଶି ଓ ନୂତନ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଜିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିନାଶ ଲାଚ୍ଛା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଭବାନୀ ନାଏକ, ଜିଲ୍ଲା ପରିଷଦ ସଭ୍ୟା ରୀତା ବାଗ, ଜିର୍ମିରା ସରପଂଚ ସନ୍ତୋଷିନୀ ପଟେଲ ଏବଂ ଛାମଝୋର ସରପଂଚ ମନ ବାଗ ପ୍ରମୁଖ ମଚ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ ଶର୍ମା, ଭଦ୍ଧବ ସିଂ ନାଏକ, ଝରପେଚନ ପ୍ରଧାନ, ଯାମିନୀକାନ୍ତ ନାଏକ, ପଦ୍ମନ ଶର୍ମା, ସରପ ପଟେଲ ଏବଂ ବାବୁଲାଲ ଜିଶାନଙ୍କ ସମେତ ବ୍ଲକର ବହୁ ଚାଷୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଲକ୍ଷ୍ୟ ବଣ୍ଟନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୬/୧୧(ନି/ପ୍ର): ଓଡ଼ିଶା ସରକାରଙ୍କ ପଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଆଜି ଝାରସୁଗୁଡ଼ା ରାଜିନିୟଙ୍ଗ ଷ୍ଟକ ଠାରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)' ଅନ୍ତର୍ଗତ ଲକ୍ଷ୍ୟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ାର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଙ୍କଧର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଉପସ୍ଥିତ ହିତାଧିକାରୀମାନଙ୍କ ସହ ବିଧାୟକ ଶ୍ରୀ ତ୍ରିପାଠୀ ଭାବ ବିନିମୟ କରିବା ସହ ଏହି ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ବିଗରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ, ସମାଜର ପ୍ରତ୍ୟେକ ଗରିବ ଓ ଅସହାୟ ପରିବାରକୁ ପୁରଣ୍ଣିତ ପକ୍କା ଘର ଯୋଗାଇଦେବା ସହ ସେମାନଙ୍କ ଜୀବନରେ ସନ୍ଧାନ, ସୁରକ୍ଷା ଓ ନୂତନ ଆଶାର ସଚାର କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ ।

ହତ୍ୟାକାଣ୍ଡର ୪ ମାସ ପରେ ମିଳିଲା ମୃତକଙ୍କ କଙ୍କାଳ ଓ ହାଡ଼, ବନ୍ଧା ହେଲା ଅଭିଯୁକ୍ତ ସାଙ୍ଗ



ସମ୍ବଲପୁର,୧୬/୧୧(ନି/ପ୍ର): ହତ୍ୟାକାଣ୍ଡର ୪ ମାସପରେ ମିଳିଲା ମୃତଦେହ। ମୃତକ ଜଣକ ହେଲେ ରାଜେଶ ସୁତ୍ରା (୩୫)। ତାଙ୍କ ଘର ଆର ଏମ ସି କ୍ୱାର୍ଟାରତା ଅଂଚଳରେ। ସୂଚନା ଅନୁସାରେ ରାକ୍ଷୀପୂର୍ଣ୍ଣିମା ଦିନ ଅଭିଯୁକ୍ତ ଭଗବାନ ଚାଣ୍ଡି ଓ ମୃତକ ରାଜେଶ ସାଙ୍ଗ ହେଇ ମଦ ପିଇଥିଲେ।ନିଶା ସେବନ କରିବା ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ରାଗରେ ଏକ ପଥର ଓ ଛୁରୀ ସାହାଯ୍ୟରେ ଭଗବାନ ରାଜେଶଙ୍କୁ ହତ୍ୟା କରି ନିଜ ଘରେ ଥିବା ଏକ ନାଳରେ ପୋତି ଦେଇଥିଲା। ଏହାପରେ ଅଭିଯୁକ୍ତ ୪ ମାସ ଧରି ଫେରାର ଥିଲା। ନିଜ ଘରେ ଥିବା ଏକ ନାଳରେ ପୋତି ଦେଇଥିଲା । ଏହାପରେ ଅଭିଯୁକ୍ତ ୪ ମାସ ଧରି ଫେରାର ଥିଲା । ଆଜି ସକାଳେ ପୁଲିସ୍ ପୁରାବ ପାର ଅଭିଯୁକ୍ତକୁ ଧରିଥିଲା ଏବଂ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଟ୍ କରିବା ସହ ସବୁକଥା ଓଗାଳିଛି। ଏଣେ ଘଟଣାସ୍ଥଳରୁ ମୃତକର ହାଡ଼ ଓ ଜଙ୍କାଳ ଜବତ କରିଛି। ଅଭିଯୁକ୍ତ ଭଗବାନ ଚାଣ୍ଡି ବି ହତ୍ୟା କରିବାର ସ୍ୱୀକାର କରିଛି। ଅଭିଯୁକ୍ତକୁ ବରେଲପାଲି ଥାନା ପୁଲିସ ଗିରଫ କରିଛି। ଆଜି ତାକୁ କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି। ପରେ ରାଗରେ ଏକ ପଥର ଓ ଛୁରୀ ସାହାଯ୍ୟରେ ଭଗବାନ ରାଜେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛି। ଏହାପରେ ଅଭିଯୁକ୍ତ ୪ ମାସ ଧରି ଫେରାର ଥିଲା।

ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଦିବସ ପାଳିତ

କେନ୍ଦ୍ରାପଡ଼ା,୧୬/୧୧(ନି/ପ୍ର): ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶିଶୁ ଦିବସ କାର୍ଯ୍ୟକ୍ରମ ସ୍ଥାନୀୟ ଗରାପୁରସ



ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କଲେ ବ୍ରତଧାରୀ





ରାଉରକେଲା,୧୬/୧୧(ନି/ପ): ଲୋକପର୍ବ ଛଠ୍ ଅବସରରେ ପୂଜାର୍ଚ୍ଚନା ପାଇଁ ରାଉରକେଲା ଏବଂ ଏହାର ଆଖପାଖ ଅଚ୍ଚଳର ବେଢ଼େ ବର୍ଚ୍ଚନ ଘାଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା । ରବିବାର ସନ୍ଧ୍ୟା ଏବଂ ସୋମବାର ସକାଳେ ପୂଜାର୍ଚ୍ଚନା କରାଯିବା ସହ ଭରସ୍ତାନ ଭାସ୍କରଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇଥିଲା । ଆରମ୍ଭସମି (ଜଗଉ) ପକ୍ଷରୁ ଘାଟଗୁଡ଼ିକରେ ସଫେଇ, ମରାମତି, ଆଲୋକୀକରଣ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ଲୋଜ ଆସ୍ଥାର ମହାପର୍ବ ଛଠ୍‌କୁ ଦୃଷ୍ଟିରେ ରଖି ରାଉରକେଲାରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ସହରର ପ୍ରାୟ ବେଢ଼େ ବର୍ଚ୍ଚନ ପ୍ରମୁଖ ଛଠ୍ ଘାଟରେ ରବିବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଏବଂ ସୋମବାର ସକାଳେ ଉଦୟମାନ ସୂର୍ଯ୍ୟଙ୍କୁ ପୂର୍ଣ୍ଣାଙ୍ଗ ଅର୍ଘ୍ୟ ଅର୍ପଣ କରାଯାଇଥିଲା । ଏଥିପାଇଁ ରାଉରକେଲା ମହାନଗର ନିଗମ (ଜଗଉ) ର ସହଯୋଗରେ ଘାଟଗୁଡ଼ିକର ମରାମତି, ସଫେଇ, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରାଯାଇଥିଲା । ବିହାର ସାଂସ୍କୃତିକ ପରିଷଦ, ଡିଓଡି (ଭଢଅ), ବିହାରୀ ଯୁବ ମଚ୍ଚ ଏବଂ ଆବିତ୍ୟ ଘାଟ ଛଠ୍ ପୂଜା ସେବା ଟ୍ରଷ୍ଟ ସମେତ ଏକାଧିକ ସାମାଜିକ ଅନୁଷ୍ଠାନ ପକ୍ଷରୁ ବ୍ରତଧାରୀ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏଥିରେ ସଭାପତି ଡି.ଏନ୍. ଭୁମାର, ଚେୟାରମ୍ୟାନ୍ ସଞ୍ଜୟ ସିଂହ, ମହାସଚିବ ବିଜୟ ସିଂହ, ମହେନ୍ଦ୍ର ମହତୋ, ହରିଶଙ୍କର ସାହ, ସୋନୁ ଚୌଧୁରୀ, ବିସର୍ଜନ ଘାଟ, ସେକ୍ଟର-୧୬ ଘାଟ, ଗୋପବନ୍ଧୁପାଲି ପୋଖରୀ ଏବଂ ବଦ୍ଧାମୁଣ୍ଡା ପୋଖରୀ, ପବନୋଷ ପୋଜ୍ଜା ଘାଟ ସମେତ ସହରର ପ୍ରମୁଖ ଛଠ୍ ଘାଟଗୁଡ଼ିକରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥିଲା । ଝିରପାଣି ଘାଟରେ ଆବିତ୍ୟ ଘାଟ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ଅର୍ଘ୍ୟ ପାଇଁ କ୍ଷୀର, କର୍ପୂର, କାଠ ଏବଂ ଅନ୍ୟାନ୍ୟ ସାମଗ୍ରୀର ବ୍ୟବସ୍ଥା କରାଯାଇଥିଲା । ଅଧ୍ୟା ଡର୍ଜନରୁ ଅଧିକ ସଂଗଠନ ଶ୍ରଦ୍ଧାଳୁମାନଙ୍କୁ ଚା' ଓ ଅନ୍ୟାନ୍ୟ ସେବା ଯାଇବାରେ ନିୟୋଜିତ ଥିଲେ । ଏଥିରେ ସଭାପତି ଡି.ଏନ୍. ଭୁମାର, ଚେୟାରମ୍ୟାନ୍ ସଞ୍ଜୟ ସିଂହ, ମହାସଚିବ ବିଜୟ ସିଂହ, ମହେନ୍ଦ୍ର ମହତୋ, ହରିଶଙ୍କର ସାହ, ସୋନୁ ଚୌଧୁରୀ, ଶଙ୍ଖ, ଲୋଏଲ ଏବଂ ଗ୍ରାହୁଣୀ ନଚାର ବିଜିନ୍ନ ଘାଟ ବ୍ୟତୀତ ଝିରପାଣି ଆବିତ୍ୟ ଘାଟ, ବାଲୁ ଘାଟ, ମୂର୍ତ୍ତି ରାଜକୁମାର ପାଣ୍ଡେ, କୃଷ୍ଣା ସିଂହ ସମେତ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଅବଦାନ ରଖିଥିଲେ । ସହରର ବିଭିନ୍ନ ସ୍ଥାନରେ ଛଟ୍ ପୂଜା ପାଳନ କରାଯାଇଥିବା ବେଳେ ଶ୍ରଦ୍ଧାଳୁମାନେ ଉଦିତ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ କରି ପରିବାରର ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଛନ୍ତି । ସକାଳୁ ସକାଳୁ ସୁନ୍ଦରଗଡ଼ର ଇତ୍ ନଦୀ କୂଳ ଏବଂ ରାଉରକେଲାର ଝିରିପାଣୀ ଛୋଏଲ ନଦୀ ଘାଟରେ ଶ୍ରଦ୍ଧାଳୁ ଓ ବ୍ରତଧାରୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଗତଢାଲି ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯାଇଥିବା ବେଳେ, ଆଜି ଭୋରରୁ ପାଣି ଭିତରେ ରହି ଉଦୟଗାମୀ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେଇଛନ୍ତି ମାନସିକଧାରୀ ।

୧୬ ଦଫା ଦାବି ନେଇ ଗାଙ୍ଗପୁର ମଜଦୂର ମଚ୍ଚ ପକ୍ଷରୁ ରାଉରକେଲା ବିର୍ସା ଛକରେ ବିକ୍ଷୋଭ ପ୍ରଦର୍ଶନ



ରାଉରକେଲା,୧୬/୧୧(ନି/ପ): ୧୬ ଦଫା ଦାବି ନେଇ ରାଉରକେଲା ଗାଙ୍ଗପୁର ମଜଦୂର ମଚ୍ଚ ପକ୍ଷରୁ ରାଉରକେଲା ବିର୍ସା ଛକରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଗାଙ୍ଗପୁର ମଜଦୂର ମଚ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ନେତୃତ୍ୱରେ ଶତାଧିକ ଗାଙ୍ଗପୁର ମଜଦୂର ମଚ୍ଚର ଜର୍ମା ବିଶ୍ରା ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଦାବିସୂଚିକ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ୩୯ ମାସର ଏରିଅର ପ୍ରଦାନ, ସ୍ଥାଇ୍ୟୁଇଟି ଉପରେ ସର୍ବାଧିକ ସୀମା ଉଚ୍ଚେଦ, ପରିଚାଳନା ସମିତି ଦ୍ୱାରା ମନମୁଖୀ ନିର୍ଦ୍ଦେଶ ପ୍ରତ୍ୟାହାର । ଦୀର୍ଘ ୪ ବର୍ଷ ଧରି ସ୍ଥାୟୀ ଅଟ୍ଟଜର ଲୋକମାନଙ୍କୁ ନିଯୁକ୍ତି ଦିଆଯାଉନଥିବା ଅଭିଯୋଗ କରିଛନ୍ତି ଗାଙ୍ଗପୁର ମଜଦୂର ମଚ୍ଚର ସଭାପତି ତଥା ବୀରମିତ୍ରପୁର ବିଜେଡ଼ି ବିଧାୟକ ରୋହିତ ଜୋସେଫ ତିର୍କୀ । ଏଥିସହିତ ସେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଉପରେ ବର୍ଷିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଖୁବ୍ ଶୀଘ୍ର ସ୍ଥାନୀୟ ଆଦିବାସୀଙ୍କ ଜମି ଅଧିଗ୍ରହଣ କରିଥିବା ରାଉରକେଲା ଇସ୍ପାତ କାରଖାନା ମ୍ୟାନେଜମେଣ୍ଟ ସମ୍ପାଦକ ଗୋପାଳ ଦାସ, କାର୍ଯ୍ୟକାରୀ ସଭାପତି ମାଙ୍ଗୋ ଏକ୍କା, ଉପସଭାପତି ବାସିଲ ଏକ୍କା, ଥମାସ୍ ଟପ୍ପୋ, ସରୋଜିନୀ ଟପ୍ପୋ, ବିଷ୍ଣୁ ମହାନ୍ତ, ସମ୍ପାଦକ ପରମେଶ୍ୱର ନମାତ, ରାଜୁ ବଡାଇକ, ଆନନ୍ଦ ଟପ୍ପୋ, ଶ୍ରୀହରି ମୁଣ୍ଡରୀ, ଏସ୍ ଭେଙ୍କାରା, ରୋହିତାସ ତନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

ରାଉରକେଲାରେ ଜାତୀୟ ପ୍ରେସ୍ ଦିବସ ପାଳନ:

ସାମ୍ବାଦିକମାନେ ଉଭୟେ ଲୋକପ୍ରିୟତା ଓ ଦାୟିତ୍ୱବୋଧ ରହିବା ଆବଶ୍ୟକ

ରାଉରକେଲା,୧୬/୧୧(ନି/ପ): ସାରା ଦେଶରେ ସୋମବାର ଦିନ ପାଳନ ହୋଇଛି ଜାତୀୟ ପ୍ରେସ୍ ଦିବସ। ଏହି ଅବସରରେ ରାଉରକେଲା ପ୍ରଶାସନ ଏବଂ ଜିଲ୍ଲା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିତଭାବେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଧିନା ବସ୍ତ୍ରୀର ଯୋସେଦେବ ଚଳିତ ବର୍ଷ ଦିବସ ପାଳନର୍ ପ୍ରସଙ୍ଗ-'ସାମ୍ବାଦିକତା:ଲୋକପ୍ରିୟତା ବନାମ ଦାୟିତ୍ୱବୋଧ' ଶୀର୍ଷକରେ ଆଲୋଚନା କରିଥିଲେ । ଏଥିରେ ସେ ନିରପେକ୍ଷ ସମ୍ବାଦିକତା ଅନୁଭବ ଓ ଅନୁଭୂତି ସହିତ ପ୍ରଶାସନ ଏବଂ ସାମ୍ବାଦିକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସମ୍ପର୍କ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ସାମ୍ବାଦିକମାନେ ଉତ୍ତରଦାୟିତ୍ୱର ସହିତ ସଠିକ ଖବର ପରିବେଷଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରାବଣୀ ନାୟକ ଯୋଗଦେଇ ସମାଜର ଏକ ଦର୍ପଣ ଭଳି ସାମ୍ବାଦିକ ଓ ଗଣମାଧ୍ୟମ କାର୍ଯ୍ୟ କରୁଛି ବୋଲି କହିଥିଲେ । ସ୍ୱତନ୍ତ୍ର ଅତିଥିଭାବେ ପାନପୋଷ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଯୋଗଦେବ ବର୍ଷ ବର୍ଷ ଧରି ସୁଦିର ଗଣମାଧ୍ୟମର ବିଶ୍ୱସନୀୟତା, ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ ନିଜର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସହରର ବରିଷ୍ଠ ସମାଜସେବୀ ତଥା ସଙ୍ଗଠକ ଡ. ସୁମନ ବଡ଼, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ, ସତ୍ୟାନନ୍ଦ ବେହେରା, ଚିତ୍ତରଞ୍ଜନ ତୁହୁ, ଭୁଜ୍ଜ ବିହାରୀ ରାଉତ, ନିଗମାନନ୍ଦ ବାସ ପ୍ରମୁଖ ଶୀର୍ଷକ୍ଷ ଜରସଙ୍ଗ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲେ ସ୍ଥାନୀୟ ସରକାରୀ ସ୍ୱଶାସିତ ମହାବିଦ୍ୟାଳୟର ଉଭୟେ ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀ । ଏମାନଙ୍କ ମଧ୍ୟରୁ ବିଶ୍ୱବିଜୟିନୀ ନାୟକ, ସ୍ନିଗ୍ଧା ସୋନି, ସ୍ରିୟା ପାତ୍ର ଓ ସ୍ମିତି ପ୍ରସାଦ ପ୍ରମୁଖ ଦିବସ ପାଳନ ସମ୍ପର୍କରେ



ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ପାଁଡିମା ଏକ୍କାଙ୍କ ଅଧକ୍ଷତା ଓ ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବଣାର ଉପକ୍ଷଣ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଉପସ୍ଥିତ ଥିଲେ । ଏହି ଉପଲକ୍ଷେ ଶତାଧିକ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ସାପ୍ତାହପତ୍ରର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ରାଉରକେଲା ସହରର ବିଭିନ୍ନ ବର୍ଚ୍ଚର ସାମ୍ବାଦିକଙ୍କ ସମେତ ସ୍ଥାନୀୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ସକ୍ରୀୟ ସହଯୋଗ କରିଥିଲେ ।

ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ କାର୍ତ୍ତିକ ମାହାତ୍ମ୍ୟ ଆଧ୍ୟାତ୍ମିକ କାଥାମୃତ କାର୍ଯ୍ୟକ୍ରମ



ରାଉରକେଲା,୧୬/୧୧(ନି/ପ): ସାମାଜିକ ଅନୁଷ୍ଠାନ ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ତରଫରୁ କାର୍ତ୍ତିକ ମାହାତ୍ମ୍ୟ ଉପରେ ଏକ ଆଧ୍ୟାତ୍ମିକ କଥାମୃତ କାର୍ଯ୍ୟକ୍ରମ କୋଏଲ ନଗର ଏ ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି କଥାମୃତ କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷଣ ଓ ପ୍ରଚାରକ ତା ଆଶୁତୋଷ ପ୍ରସାଦ ମିଶ୍ର ତଥା ଶ୍ରୀମନ୍ଦିର ତୁନୁରା ସେବାୟତ ତ ଶରତ ମହାନ୍ତି ଯୋଗଦେଇ ଥିଲେ । ମୁଖ୍ୟ ପ୍ରବକ୍ତା ତା ମିଶ୍ର କାର୍ତ୍ତିକ ମାହାତ୍ମ୍ୟ ଉପରେ ଆଲୋଚନା କରି କହିଲେ ଯେ ମଠର ସମ୍ପତି ହେଲା ଅ ଓ ଆ । ଅ ରୁ ଅଶ୍ଚ ଓ ଆ ରୁ ଆଶ୍ଚୁୟ । ଏହା ହିଁ ଭକ୍ତଙ୍କ ସମ୍ପତି । ଯିଏ ଆମ ହାତ ଛାଡନ୍ତି ନାହିଁ ସିଏ ହେଲେ ମହାପ୍ରଭୁ । ସେହିପରି ମାସ ମଧ୍ୟରେ ପ୍ରଥମ ମାସ ମାର୍ଗଶୀର ଓ ଶେଷ ମାସ ହେଲା ଜାର୍ନିଲ । ମଣିଷ ଜୀବନର ଅନ୍ତିମ ଲକ୍ଷ୍ୟ ହେଲା ଜଗନ୍ନାଥ ଙ୍କ ସହ ମିଳନ । ବର୍ଷରେ ପ୍ରଭୁଙ୍କର ୬ ଥର ପହଣ୍ଡି କରାଯାଏ । ସେ ଖାଲି ନାମରେ ଜଗନ୍ନାଥ ନୁହଁନ୍ତି ଜାମରେ ମଧ୍ୟ ଜଗନ୍ନାଥ । ସେ ଜାହିଁକି ଜଗତର ନାଥ ତାହାର ବିଭିନ୍ନ ଉଦାହରଣ ଦେଇଥିଲେ । ସେହିପରି ତୁନୁରି ସେବାୟତ ଡ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ ଯେ ମହାପ୍ରଭୁ ସେବକଙ୍କୁ ଜେବେ ନିରାଶ କରନ୍ତି ନାହିଁ । ଏହାସହ ସେ ଜଗନ୍ନାଥଙ୍କ ମାହାତ୍ମ୍ୟ ଉପରେ ଆଲୋଚନା କରିଥିଲେ । କଥାମୃତ ସମାପନ ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ମ୍ୟାନେଜିଂ ଟ୍ରଷ୍ଟି ଙ୍କ ଆଲୋକ ଙ୍କଜନ ମଲ୍ଲିକ, ବୁଦ୍ଧେନ୍ଦ୍ର ବାଣ୍ଡ, ମନୋଜ ପଣ୍ଡା, ପ୍ରଦୀପ ପଣ୍ଡା, ଅମୂଲ୍ୟ ମିଶ୍ର, ସୁଶିଲ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।

ବୀରମିତ୍ରପୁରରେ ୧୫୧ତମ ବିର୍ସା ଜୟନ୍ତୀ ମହାସମାରୋହରେ ବିଧାୟକ ରୋହିତ ଯୋସେଫ ତିର୍କୀ



ବୀରମିତ୍ରପୁର,୧୬/୧୧(ନି/ପ): ଆଜି ବୀରମିତ୍ରପୁରରେ ଆଦିବାସୀ ଜନନାୟକ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଯୋସେଫ ତିର୍କୀ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରେ। ହାତରେ ତୀର ଧନୁ ଧରି ଶହ ଶହ ଆଦିବାସୀ ଭାଇ ଭଉଣୀଙ୍କ ସହ ସହର ପରିକ୍ରମା କଲେ ଏବଂ ଜନଜାତୀ ଗୌରବର ଜୟଗାନ କଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ବିଧାୟକଙ୍କ ପ୍ରାର୍ଥନିଧି ଶଶି ପାଣର, ବୀରମିତ୍ରପୁର ମୁନିସିପାଲିଟିର ଉପାଧ୍ୟକ୍ଷା ନିବେଦିତା ବାଗ, ବରିଷ୍ଠ ନେତା ଜଗବୀଶ ଅଗ୍ରୱାଲ,ଆବୁଲ ଖରର, ଓ୍ୱାର୍ଡ କାଉନସିଲର କମଲେଶ ସିଂ, ନିର୍ମଳା କୁଜୁର, ଯୁବ ନେତା ମାନସ ମାନନ୍ଦ, ସଂସ୍କୃତା ଦେବେତୋ, ଛାତ୍ର ନେତା ସାବିର ରାଜା, ଜାନୁ ଆଲମ, କୁଜାଲ ଉପସ୍ଥିତ ଥିଲେ ।

ବସ୍ ଭଡ଼ା ବୃଦ୍ଧି ପ୍ରତିବାଦରେ ସୁନ୍ଦରଗଡ ପରିବହନ କର୍ମଚାରୀ ସଂଘର ରାଉରକେଲାରେ ବିକ୍ଷୋଭ ଓ ନିଷ୍ପତ୍ତିର ପ୍ରତ୍ୟାହାର ଦାବି



ରାଉରକେଲା,୧୬/୧୧(ନି/ପ): ଗୁରୁବାର ନଭେମ୍ବର ୧୨ ତାରିଖ ଦିନ ପୁଣି ଥରେ ଯାତ୍ରୀବାହୀ ବସର ଭଡ଼ା ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ପକ୍ଷରୁ ବ୍ୟାପକ ସମାଲୋଚନା ଏବଂ ପ୍ରତିବାଦର ସ୍ୱର ଉଠିଛି । ଚଳିତ ବର୍ଷ ମେ ୧୫ ଏବଂ ଜୁନ୍ ୨ ତାରିଖରେ ସରକାରଙ୍କ ପକ୍ଷରୁ ବସ୍ ଭଡ଼ା ବୃଦ୍ଧିରେ ସାଧାରଣ ଜନତା ଅସନ୍ତୋଷ ପ୍ରକାଶ କରିଥିବା ବେଳେ, ମାତ୍ର ଛଅ ମାସ ମଧ୍ୟରେଏହି ତୃତୀୟ ଭଡା ବୃଦ୍ଧି ଯାତ୍ରୀମାନଙ୍କ ଉପରେ ଆର୍ଥିକ ବୋଝ ପକାଇଛି । ପୂର୍ବରୁ ସଂଶୋଧନରେ ପ୍ରତି କିଲୋମିଟରରେ ମାତ୍ର ୨ ରୁ ୫ ପଇସା ବୃଦ୍ଧି ହୋଇଥିବା ବେଳେ, ଏହି ନୂତନ ବୃଦ୍ଧିରେ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୨୬ ପଇସା ବୃଦ୍ଧି କରାଯାଇଛି । ଏକ୍ସପ୍ରେସ୍ ବସ୍ ପାଇଁ ଭଡ଼ା କିଲୋମିଟରରେ ୨୮ ପଇସା ବୃଦ୍ଧି କରାଯାଇଛି । ସବ୍ୟତମ ଭଡ଼ା ବୃଦ୍ଧିର ପ୍ରତିବାଦ କରି, ସୁନ୍ଦରଗଡ଼ ପରିବହନ କର୍ମଚାରୀ ସଂଘର ସଦସ୍ୟମାନେ ଶୁକ୍ରବାର ଦିନ ରାଉରକେଲା ବସ୍ ଷ୍ଟାଣ୍ଡରେ ଏକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉଖଟ-ସମର୍ଥିତ ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ ଏବଂ ମିନି ବସ୍ ଆସୋସିଏସନର ପଦାଧିକାରୀମାନେ ମଧ୍ୟ ଏହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିବାଦରେ ବିକ୍ଷୋଭକାରୀମାନେ ସାଧାରଣ ପରିବହନର ବର୍ଦ୍ଧିତ ପରିତାକନା ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ ଏବଂ ଭଡ଼ା ବୃଦ୍ଧି ଉପରେ ପୁନର୍ବିଚାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ । ସେମାନେ ବସ୍ ପ୍ରପରେଟରଙ୍କ ଉପରେ ଆର୍ଥିକ ବୋଝ କମ କରିବା ଏବଂ ଯାତ୍ରୀ ଭଡ଼ାରେ ଆହୁରି ବୃଦ୍ଧି ରୋକିବା ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରିବା, ବୀମା ପ୍ରିମିୟମ୍ ହ୍ରାସ କରିବା ଏବଂ ଟୋଲ୍ ଟିକସ ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ ।ଆୟୋଜନକାରୀମାନେ କହିଥିଲେ ଯେ ବାରମ୍ବାର ବସ୍ ଭଡ଼ା ବୃଦ୍ଧି କରିବା ପରିବର୍ତ୍ତେ, ସରକାର ପରିଚାଳନା ଖର୍ଚ୍ଚ ହ୍ରାସ କରିବା ଏବଂ ସାଧାରଣ ଯାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ପଦକ୍ଷେପ ନେବା ଉଚିତ।

ଆର.ଏସ୍.ପି.ର ମେକାନିକାଲ୍ ସପ୍ ଦ୍ୱାରା ନିଜସ୍ୱ ଉଦ୍ୟମରେ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ବିକଶିତ ପ୍ରାୟ ୪୫ ଲକ୍ଷ ଟଙ୍କା ସଂଚୟ ହାସଲ



ରାଉରକେଲା,୧୬/୧୧ (ନି/ପ):ରାଉରକେଲା ଇସ୍ପାତ କାରଖାନା (ଆର.ଏସ୍.ପି.)ର ମେକାନିକାଲ୍ ସପ୍ ଉପଲବ୍ଧ ନିଜସ୍ୱ ଘରୋଇ ସମ୍ବଳ ବ୍ୟବହାର କରି ପ୍ଲେଟ୍ ମିଲ୍ ପାଇଁ ଏକ ଟର୍ଣ୍ଣଟେବଲ୍ ରୋଲ୍ ଏବଂ ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସ୍.ଏମ୍.ଏସ୍-୨)ରେ ଥିବା କ୍ରେନ୍ ଗୁଡ଼ିକ ପାଇଁ ଆବୁଲାର୍ ଗିଅର୍ ସଫଳତାର ସହ ବିକଶିତ କରିଛି । ବାହ୍ୟ ସଂସ୍ଥା ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଏହି ପ୍ରୟାସଗୁଡ଼ିକ ଜାରୁଖାନା ପାଇଁ ପ୍ରାୟ ୪୫ ଲକ୍ଷ ଟଙ୍କା ସଂଚୟ କରିବ ବୋଲି ଆଶା କରାଯାଉଛି । ପ୍ଲେଟ୍ ମିଲ୍‌ରେ ଅତ୍ୟଧିକ କ୍ଷୟ ହୋଇଯାଇଥିବା ଏକ ରୋଲ୍ ସ୍ଥାନରେ ଲଗାଇବା ଏବଂ ପ୍ଲେଟ୍ ଉତ୍ପାଦନକୁ ସୁଗମ କରିବା ପାଇଁ ଏହି ଟର୍ଣ୍ଣଟେବଲ୍ ରୋଲ୍ ନିର୍ମାଣ କରାଯାଇଥିଲା । ୮ ମିଟର ଲମ୍ବ ଏବଂ ପ୍ରାୟ ୧୩ ଟନ୍ ଓଜନ ବିଶିଷ୍ଟ ଏହି ରୋଲ୍‌ର ବ୍ୟାସକୁ ୪ ମିଟର ଲମ୍ବ ମଧ୍ୟରେ ଧୀରେ ଧୀରେ ୫୫୦ ମି.ମି.ରୁ ୪୯୦ ମି.ମି.କୁ ହ୍ରାସ କରିବା ପାଇଁ ସଠିକ୍ ମେସିନିଂର ଆବଶ୍ୟକତା ଥିଲା । ଏହି କାର୍ଯ୍ୟଟି ଏକ ଆହ୍ୱାନ ପୂର୍ଣ୍ଣ କରିଥିଲା କାରଣ ମେକାନିକାଲ୍ ସପ୍‌ର ଲଙ୍କେ ଲେଥ୍ ମେସିନ୍ ଜେବଳ ୧ ମିଟର ଲମ୍ବ ପର୍